


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୪ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 August 2024
Vol.No. 35 ■ No.219 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପୂରୁଣା ହତ୍ୟା ମାମଲାର ଫାଇଲ୍ ଖୋଲିବ ବିଜେପି

### ନବ ଦାସ, ମମିତା ମେହେର ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ରହସ୍ୟ ଉପରୁ ହଟିବ ପରଦା



ଭୁବନେଶ୍ୱର, ୧୩/୮ (ନି.ପ୍ର): ବିଜେଡି ସରକାର ଅମଳରେ ଯେଉଁ ତିନି ଚର୍ଚ୍ଚିତ ହତ୍ୟାକାଣ୍ଡକୁ ନେଇ ବିଜେପି ଘେରି ଆସିଥିଲା, ସରକାର ବଦଳିବା ପରେ ସେହି ମାମଲାଗୁଡିକର ଫାଇଲ ପୁଣିଥରେ ଖୋଲିବାକୁ ଯାଉଛି। ମୋହନ ସରକାର ଆସିବା ପରେ ସେହି ତିନି ଚର୍ଚ୍ଚିତ ହତ୍ୟାକାଣ୍ଡର ରହସ୍ୟ ଖୋଜିବା ପାଇଁ ଫାଇଲ ଓପନ କରିବାକୁ ଯାଉଛନ୍ତି। ନବ ଦାସ ହତ୍ୟା, ମମିତା ମେହେର ହତ୍ୟା, ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକୁ ନେଇ କେବଳ ରାଜ୍ୟ ନୁହେଁ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାପରେ ଏହି ମାମଲା ଉପରୁ ପରଦା ହଟାଇବାକୁ ଅଣ୍ଟା ଭିଡିଛନ୍ତି । ନବ ଦାସ ହତ୍ୟା ମାମଲାର ଫାଇଲ ରି-ଓପନ କରିବେ ସରକାର । ଏ ନେଇ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପୃଥ୍ୱୀରାଜ କହିଛନ୍ତି, ନବ ଦାସ ଜଣେ ବିଜେଡି ନେତା ହେଲେ ବି ମନ୍ତ୍ରୀ ଥିଲେ । ଆଉ ଜଣେ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକୁ ସହଜରେ ଗ୍ରହଣ କରାଯାଇପାରିବ ନାହିଁ। ସେହିଭଳି ୨୦୦୭ରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ଓ ୨୦୨୨ରେ ମମିତା ମେହେର ହତ୍ୟାର ଫାଇଲ ରି-ଓପନ ହେବ । ତେବେ ନବ ଦାସ ଓ ମମିତା ମେହେର ହତ୍ୟା ମାମଲାରେ ତତ୍କାଳୀନ ବିଜେଡି ସରକାର ଦୋଷୀଙ୍କୁ ଘଣ୍ଟ ଘୋଡାଉଥିବା ଅଭିଯୋଗ କରିଆସିଛି ବିଜେପି । ଏବେ ମନ୍ତ୍ରୀ ମାମଲାର ପୁଣି ତଦନ୍ତ ହେବ ବୋଲି କହିବା ପରେ ପ୍ରଶ୍ନ ଉଠୁଛି, ସତ କଣ ସାମ୍ନାକୁ ଆସିବ? ଏହି ୩ଟି ଯାକ ହତ୍ୟାକାଣ୍ଡର କାରଣ, ଶେଷ ପର୍ଯ୍ୟନ୍ତ ପର୍ଦ୍ଦାଫାସ କରିପାରିନଥିଲେ ତତକାଳୀନ ବିଜେଡି ସରକାର । ଏସବୁ ମାମଲା ପୁଣି ଖୋଲିବା ନେଇ ଆଇନ ମନ୍ତ୍ରୀଙ୍କ ବୟାନ ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି ।

## ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର ଗିରଫ

ଭୁବନେଶ୍ୱର, ୧୩/୮ (ନି.ପ୍ର): ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର ଗିରଫ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଛନ୍ତି ପୂର୍ତ୍ତ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରା ପ୍ରସାଦ ମିଶ୍ର । ସୋମବାର ତାରାଙ୍କ ବିଭିନ୍ନ ବାସଭବନରେ ଚଢାଉ କରିଥିଲା ଭିଜିଲାନ୍ସ ଟିମ୍ । ଏହି ସମୟରେ ୧୦ଟି ଫ୍ଲାଟ, ୭ଟି ପ୍ଲଟ୍, ଅଢେଇ କେଜି ପାଖାପାଖି ସୁନା ଠାବ କରିବା ସହ ୩୭୦ ଗ୍ରାମ ହୀରା, ବିଦେଶୀ ମୁଦ୍ରା, ଦାମୀ ଘଣ୍ଟା ସହ ୨.୭୦କୋଟିର ବ୍ୟାଙ୍କ ଜମା ଠାବ ହୋଇଥିଲା । ଖାଲି ସେତିକି ନୁହେଁ ନଗଦ ୬ଲକ୍ଷ ଟଙ୍କା ସହିତ ୨ଟି ଦାମୀ କାର ମଧ ଠାବ କରିଥିଲା ଭିଜିଲାନ୍ସ ଟିମ୍ । ତାରା ପ୍ରସାଦ କାର୍ଯ୍ୟରତ ଥିବାବେଳେ ଏତେ ପରିମାଣର ସମ୍ପତ୍ତି କେଉଁଠୁ ଆଣିଲେ ତାହାର ହିସାବ ମାଗିଥିଲା ଭିଜିଲାନ୍ସ ଟିମ୍ । ହେଲେ ସଠିକ୍ ଭାବେ ହିସାବ ନଦେବାରୁ ତାରାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ ।

## ସୁଭଦ୍ରା ଯୋଜନା ପାଇଁ ଏସଓପି ପ୍ରସ୍ତୁତ: ଲୋକଙ୍କ ମତ ହିସାବରେ ହେବ ସଂଶୋଧନ



ଭୁବନେଶ୍ୱର, ୧୩/୮ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ଲାଗୁ ହେବ ସୁଭଦ୍ରା ଯୋଜନା ଏଥିନିମନ୍ତେ ଆସନ୍ତା କିଛି ଦିନ ମଧ୍ୟରେ ଆସିବ ଏସ୍‌ଓପି। ମାତ୍ର ଏହା ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରାଯାଉଛି। ଆବଶ୍ୟକ ସ୍ଥଳରେ ଏସ୍‌ଓପିରେ ପରିବର୍ତ୍ତନ ବି ହେବ ।' ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏପରି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଉପମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ମହିଳାଙ୍କ ବିକାଶ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ। ୫୦% ମହିଳା କିପରି ଅର୍ଥନୈତିକ ସ୍ୱାବଲମ୍ବୀ ହେବେ, ଲକ୍ଷପତି ଦିଦି ହେବେ, ସେମାନଙ୍କ ନିମନ୍ତେ ସୁଭଦ୍ରା ଯୋଜନା ରୋଡମ୍ୟାପ ପ୍ରସ୍ତୁତ କରିବ ବୋଲି ଆଶା ରଖୁଛୁ। ତେଣୁ କିପରି ଅଧିକରୁ ଅଧିକ ମହିଳା ଏହାଦ୍ୱାରା ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଏସ୍‌ଓପି ପ୍ରସ୍ତୁତ ସରିଛି।

▶▶ପୃଷ୍ଠା ୭

## ଏସ୍‌ସିବିରେ ରୋଗୀଙ୍କୁ ଦୁଷ୍କର୍ମ: ବନ୍ଧା ହେଲେ ଡାକ୍ତର



କଟକ, ୧୩/୮ (ନି.ପ୍ର): କଟକ ଏସ୍‌ସିବିକୁ ବିଶ୍ୱ ସ୍ତରୀୟ ମେଡିକାଲ୍ କରିବା ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ହେଲେ ସେହି ମେଡ଼ିକାଲ୍ ଉପରେ ଲାଗିଛି କଳଙ୍କର ଛିଟା। ମେଡିକାଲ୍‌କୁ ଚିକିତ୍ସା ହେବାକୁ ଆସିଥିବା ୨ ଜଣ ମହିଳା ରୋଗୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ କମିଶନରେଟ୍ ପୁଲିସ୍ ଅଭିଯୁକ୍ତ ଡାକ୍ତର ଠାକୁର ଦିଲବାଗ ସିଂଙ୍କୁ ଗିରଫ କରିଛି। ଗତ ଶୁକ୍ରବାର ୨ ରୋଗୀ(ମହିଳା) ଏସ୍‌ସିବିର ହୃଦୟ ରୋଗ ବିଭାଗକୁ ଆସିଥିଲେ। ବିଶେଷଜ୍ଞ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଇକୋ କରିବା ପାଇଁ ସମ୍ପୃକ୍ତ ଡାକ୍ତର ପରାମର୍ଶ ଦେଇଥିଲେ। ସେହିଦିନ ଇକୋ ହୋଇନପାରିବାରୁ ୨ ମହିଳା ଫେରି ଯାଇଥିଲେ। ଡାକ୍ତରଙ୍କ ପରାମର୍ଶରେ ଦୁଇ ମହିଳା ରବିବାର ମେଡ଼ିକାଲ୍ ଆସିଥିଲେ। ସେଦିନ ମେଡ଼ିକାଲ୍ ଛୁଟିଥିବା ସତ୍ତ୍ୱେ ଡାକ୍ତର ଦୁଇ ମହିଳା ରୋଗୀଙ୍କୁ ଇକୋ କରିବା

▶▶ପୃଷ୍ଠା ୭

## ୨୦୩୬ ସୁଦ୍ଧା ଭାରତର ଜନସଂଖ୍ୟା ୧୫୨ କୋଟି ଡେଇଁବ



ନୂଆଦିଲ୍ଲୀ, ୧୩/୮ : ଭାରତର ଜନସଂଖ୍ୟା ୨୦୩୬ ସୁଦ୍ଧା ୧୫୨.୨ କୋଟି ଛୁଇଁବ। ସେହିପରି ମହିଳାଙ୍କ ସଂଖ୍ୟା ୨୦୧୧ରେ ୪୮.୫% ଥିବା ବେଳେ ୨୦୩୬ ବେଳକୁ ଏହା ସାମାନ୍ୟ ବୃଦ୍ଧି ପାଇ ୪୮.୮%ରେ ପହଞ୍ଚିବ। ପରିସଂଖ୍ୟନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ ଏପରି ସୂଚନା ଦିଆଯାଇଛି। 'ଡକ୍ଟଙ୍କରଭ ବଭୟ ଗରଭ ସଭ ଓଭୟସବ ୨୦୨୩' ଶୀର୍ଷକ ରିପୋର୍ଟରେ ଆକଳନ କରାଯାଇଛି ଯେ ୨୦୧୧ ତୁଳନାରେ ୨୦୩୬ ସୁଦ୍ଧା ୧୫ ବର୍ଷରୁ କମ ବୟସ୍କଙ୍କ ସଂଖ୍ୟା ଅହେତୁକ ହ୍ରାସ ପାଇବ। ଜନ୍ମହାର ହ୍ରାସ ପାଉଥିବାରୁ ଏପରି ଘଟିବ। ଏହି ସମୟସୀମା ମଧ୍ୟରେ ୬୦ ବର୍ଷ ଓ ତା'ଠାରୁ ଅଧିକ ବୟସ୍କଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବ। ୨୦୩୬ ସୁଦ୍ଧ ଭାରତର ଜନସଂଖ୍ୟା ୨୦୧୧ ତୁଳନାରେ ଅଧିକ ମହିଳା କେନ୍ଦ୍ରିକ ରହିବ। ୨୦୩୬ ସୁଦ୍ଧା ଲିଙ୍ଗ ଅନୁପାତରେ ସୁଧାର ଆସିବ। ୨୦୧୧ରେ ୧ହଜାର ପୁରୁଷଙ୍କ ତୁଳନାରେ ୯୪୩ ଜଣ ମହିଳା ରହିଥିଲେ। କିନ୍ତୁ ୨୦୩୬ ବେଳକୁ ଏହି ସଂଖ୍ୟା ୯୫୨କୁ ବୃଦ୍ଧି ପାଇବ। ଲିଙ୍ଗଗତ ସମାନତା ପାଇଁ ଏହା ସକାରାତ୍ମକ ଘଟଣା ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ

▶▶ପୃଷ୍ଠା ୭

## ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ହାଇକୋର୍ଟ ନୋଟିସ

ଭୁବନେଶ୍ୱର, ୧୩/୮ (ନି.ପ୍ର): ନିର୍ବାଚନ ଅନିୟମିତତା ମାମଲାରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ପରାଜିତ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଆବେଦନ ଆଧାରରେ ହାଇକୋର୍ଟ ଏହି ନୋଟିସ୍ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହାଇକୋର୍ଟରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଶ୍ରୀକ୍ଷେତ୍ରକୁ ଗମନା ଗମନା ସୁଗମ କରିବା ପାଇଁ ଭୁବନେଶ୍ୱର-ପୁରୀ ରାସ୍ତା ହେବ ୬ ଲେନ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୮ (ନି.ପ୍ର): ୪ ଧାମ ଭିତରୁ ଅନ୍ୟତମ ଧାମ ହେଉଛି ଶ୍ରୀକ୍ଷେତ୍ର। ମହାପ୍ରଭୁଙ୍କ ଏହି ପୀଠକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କ ଗମନା ଗମନାକୁ ସୁଗମ କରିବା ପାଇଁ ୪ ଲେନ୍ ବିଶିଷ୍ଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ୬ ଲେନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟିବା ପରେ ଆଜି ଏ ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଗମନା ଗମନା ସୁଗମ କରିବା ପାଇଁ



୪ ଲେନ୍ ବିଶିଷ୍ଟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ହେବ ୬ ଲେନ୍। ଏଥିସହ ରାସ୍ତାର ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ୍ ତିଆରି ହେବ। ଏଥିପାଇଁ ଖର୍ଚ୍ଚ ହେବ ୧୮୦୦ କୋଟି ଟଙ୍କା। ସେହିପରି ୮ ଲେନ୍ ହେବ ବଡ଼ବିଲ-ଚଣ୍ଡିଖୋଲ ଜାତୀୟ ରାଜପଥ(ଏନ୍‌ଏଚ୍)। ପ୍ରାୟ ୨୦୦ କିମି ବିଶିଷ୍ଟ ରାସ୍ତା ବଡ଼ବିଲ-ଚଣ୍ଡିଖୋଲ ହେବ ୮ ଲେନ୍। ଏଥିସହ ୨ ଲେନ୍ ସର୍ଭିସ ରୋଡ୍ ମଧ ରହିବ। ବର୍ତ୍ତମାନ ଚଣ୍ଡିଖୋଲ-ପାରାଦୀପ ରାସ୍ତା ନିର୍ମାଣ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଖୋର୍ଦ୍ଧା-ନୟାଗଡ଼ ଏନ୍‌ଏଚ୍ -୫୭ ହେବ ୪ ଲେନ। ୪ ଲେନ୍ ସହ ସର୍ଭିସ ରୋଡ୍ ମଧ ରହିବ। ଏଥିପାଇଁ ୧୧ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି କେସିଙ୍ଗା-ଜୁନାଗଡ଼ ଏନ୍‌ଏଚ୍ -୨୬ ହେବ ୪ ଲେନ୍। କେସିଙ୍ଗା-ଜୁନାଗଡ଼ ୪ ଲେନ୍ ରାସ୍ତା ପାଇଁ ଖର୍ଚ୍ଚ ହେବ ୧ ହଜାର

▶▶ପୃଷ୍ଠା ୭


## ପୁଣି ଘୁଞ୍ଚିଲା ଭିନେଶ ଫୋଗାଟଙ୍କ ଶୁଣାଣି

ନୂଆଦିଲ୍ଲୀ, ୧୩/୮ : ପୁଣି ଘୁଞ୍ଚିଲା ଭିନେଶ ଫୋଗାଟଙ୍କ ଶୁଣାଣି । ଆସନ୍ତା ଅଗଷ୍ଟ ୧୬ ତାରିଖରେ ଭିନେଶ ଫୋଗାଟଙ୍କ ଶୁଣାଣି କରିବେ କୋର୍ଟ । ତେବେ ଆଜି ଭିନେଶ ଫୋଗାଟଙ୍କ ମାମଲାରେ ଶୁଣାଣି କରିଥାନ୍ତେ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟ୍ସ ବା କ୍ୟାସ୍ । ହେଲେ ବର୍ତ୍ତମାନ ଏହାକୁ ଘୁଞ୍ଚାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଏଥର ଅଲିମ୍ପିକ୍ସରେ ୫୦ କେଜି ବର୍ଗ କୁସ୍ତିରେ ଫାଇନାଲରେ ପହଞ୍ଚିଥିଲେ ଭାରତର କୁସ୍ତିଯୋଦ୍ଧା ଭିନେଶ ଫୋଗାଟ୍ । ହେଲେ ଫାଇନାଲ ପୂର୍ବରୁ କିନ୍ତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଧାର୍ଯ୍ୟ ଓଜନଠାରୁ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ଫାଇନାଲ ଖେଳିବାକୁ ଦିଆଯାଇନଥିଲା ।

## ଝାଡ଼ାବାନ୍ତିରେ ୩ ମୃତ: ୧୫ ଆକ୍ରାନ୍ତ

ବଲାଙ୍ଗିର, ୧୩/୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ସୁଡ଼ା ପଞ୍ଚାୟତ ମହଗାରେ ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଖୋଲାଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଟିମଙ୍କ ତଦାରଖରେ ଅନ୍ୟମାନେ ଘରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ତେବେ ଗାଁରେ କାହିଁକି ଝାଡ଼ାବାନ୍ତି ବ୍ୟାପିଛି ଏହାର କାରଣ ଜଣାପଡ଼ି ନାହିଁ। ଗାଁରେ ଡାକ୍ତରୀ ଟିମ୍ ସ୍ଥିତି ଉପରେ ନଜର ରଖିଛନ୍ତି। ସେହିପରି ପାଣି ନମୂନା ପରୀକ୍ଷା ପଠାଇଥିବା ଜଣାଯାଇଯାଇଛି। ଅନ୍ୟପକ୍ଷରେ ମାସକ ମଧ୍ୟରେ ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେହିପରି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକରେ ଦଣ୍ଡସେନାଗୁଡା ଗାଁରେ ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିବ ଜଣାଯାଇଛି।

## ଅଗଷ୍ଟ ୨୨ରେ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଲା କଂଗ୍ରେସ



ନୂଆଦିଲ୍ଲୀ, ୧୩/୮ : ଆସନ୍ତା ଅଗଷ୍ଟ ୨୨ରେ ସମଗ୍ର ଦେଶରେ ଆନ୍ଦୋଳନ କରିବ କଂଗ୍ରେସ। ହିଣ୍ଡେନବର୍ଗ ରିପୋର୍ଟରେ ସେବି ମୁଖ୍ୟ ଓ ଆଦିନୀ ଗ୍ରୁପ ମଧ୍ୟରେ ମଧୁଛନ୍ଦ୍ରିକା ଥିବା କଥା ଦାବି କରାଯିବା ପରେ କଂଗ୍ରେସ ଏପରି ବିଶାଳ ଆନ୍ଦୋଳନର ଡାକରା ଦେଇଛି। ହିଣ୍ଡେନବର୍ଗ ପକ୍ଷରୁ ସେବି ମୁଖ୍ୟ ମାଧବୀ ବୁଚ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଅଣାଯାଇଛି। ତେଣୁ ତାଙ୍କୁ ସରକାର ସେବି ମୁଖ୍ୟ ପଦରୁ ହଟାନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପୂର୍ବରୁ କଂଗ୍ରେସ ସେବି ମୁଖ୍ୟ ଓ ଆଦାନି ଗ୍ରୁପ ମଧ୍ୟରେ ଥିବା ସମ୍ପର୍କରେ ଜେପିସି ତଦନ୍ତ ପାଇଁ ଦଳ ଦାବି କରିଥିଲା। ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦଳର ସମସ୍ତ ସାଧାରଣ ସମ୍ପାଦକ, ଇନଚାର୍ଜ ଓ ରାଜ୍ୟ ମୁଖ୍ୟମାନେ ଯୋଗ ଦେଇଥିଲେ। ଏହି ବୈଠକରେ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ କଂଗ୍ରେସ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, "ବର୍ତ୍ତମାନ ଦେଶରେ ଘଟିଥିବା ସବୁଠାରୁ ବଡ଼ ଦୁର୍ନୀତି ସମ୍ପର୍କରେ ଆମେ ଆଲୋଚନା କରିଥିଲୁ। ହିଣ୍ଡେନବର୍ଗ ସବୁ କିଛି ଖୁଲାସା କରିଛି। ଏହି ଦୁର୍ନୀତି ସେବି ଓ ଆଦାନି ସହ ଜଡ଼ିତ। ଆଦାନି ଓ ସେବି ବିରୋଧରେ ଆସିଥିବା ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି ବା ଜେପିସି ତଦନ୍ତ ଦାବିରେ ଦଳର ନେତୃତ୍ୱବୃନ୍ଦ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛନ୍ତି। ସର୍ବସମ୍ମତିକ୍ରମେ ଏପରି ନିଷ୍ପତ୍ତି

▶▶ପୃଷ୍ଠା ୭

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୧୩/୮ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ୨୦୨୦ରେ ଥିବା ଅସଙ୍ଗତିଗୁଡ଼ିକୁ ଆଇନଗତ ଓ ନିୟାମକ ଢାଞ୍ଚା ଅନୁସାରେ ସୁଧାରିବା ସହ ଆବଶ୍ୟକ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶିକ୍ଷାବିତମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରାଇ ଆଣିବା, ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତତାକୁ ସୁରକ୍ଷିତ ରଖିବା ଏବଂ ଆମ ରାଜ୍ୟ ଯେପରି ଶିକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବ ତାହା ସୁନିଶ୍ଚିତ କରିବା ପାଇଁ ଏହି ସଂଶୋଧନ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ



ଉଲ୍ଲେଖ କରିଛନ୍ତି ଯେ, ତତ୍କାଳୀନ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ପ୍ରଣୟନ କରିଥିଲେ, ଯାହା ମୂଳ ଆଇନ ୧୯୮୯ରେ ବ୍ୟାପକ ପରିବର୍ତ୍ତନ ଆଣିଥିଲା। ଏହି ଆଇନରେ ପରିବର୍ତ୍ତନ କେବଳ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ୟୁଜିସି ଆଇନର ବ୍ୟବସ୍ଥା ଏବଂ ନିୟମରେ ଦ୍ୱନ୍ଦ ସୃଷ୍ଟି କରୁନଥିଲା ବରଂ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥ, ସେମାନଙ୍କ ସ୍ୱାୟତ୍ତତାକୁ ମଧ କ୍ଷୁର୍ଣ୍ଣ କରୁଥିଲା। ବିଶେଷ କରି ଗମ୍ଭୀରଦାନ କେ ଗଡ଼ଭି ବନାମ ଗୁଜରାଟ ମାମଲାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୨୦୨୨ ମସିହା ମାର୍ଚ୍ଚ ୩ ତାରିଖରେ ଦେଇଥିବା ରାୟ ପରିପ୍ରେକ୍ଷୀରେ ଏହି ଅସଙ୍ଗତି ଗଭୀର ଚିନ୍ତାର ବିଷୟ। ଯେଉଁଥିରେ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନ ଉପରେ ୟୁଜିସିର ସର୍ବୋଚ୍ଚ ନିୟମାବଳୀକୁ ସ୍ପଷ୍ଟ ଭାବେ ବଜାୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବ ସରକାରଙ୍କ ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତ୍ତତାକୁ ସଙ୍କୁଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଥିଲା ଏବଂ ଓଡ଼ିଶାରେ ଶିକ୍ଷାବିତଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । କେନ୍ଦ୍ରମନ୍ତ୍ରୀ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସ୍ୱାଧୀନ ଓ ଉଚ୍ଚମାନର ଶିକ୍ଷାବିତଙ୍କୁ ତିଆରି କରିବାର ପରମ୍ପରା ରହିଛି। ଯେଉଁମାନେ

▶▶ପୃଷ୍ଠା ୭

# କୁଡୁମୁଲୁଗୁମ୍ମା ତହସିଲରେ ବିଧାୟକଙ୍କ ଦ୍ୱାରା ପଟ୍ଟା ବଂଟନ

ମାଲକାନଗିରି, ୧୩/୦୮ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ଜମି ପଟ୍ଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ, ବୈଠକରେ କୁଡୁମୁଲୁଗୁମ୍ମା ତହସିଲଦାର ଟୁକୁନୁ ପୁଟ୍ଟା ସଭାପତିତ୍ୱ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦିଦାୟୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କିରଣ ନାୟକ, ସରପଂଚ ମଙ୍ଗଳା ମାଢୀ, ବନ ଅଧିକାରୀ ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ଓ ପରିବର୍ତ୍ତନ ସଂସ୍ଥାର କର୍ମଚାରୀ ଏସ୍. କେ. ରଜିବ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଖିଲ ତାଙ୍କ ବକ୍ତବ୍ୟରେ, ଜଙ୍ଗଲ ଜମି ପଟ୍ଟା ପାଇଲା ପରେ ଉକ୍ତ ଜମିର ସମତୁଲ କରିବା ସହ ଗୋଟିଏ ଗୋଟିଏ ଚାରା ରୋପଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ଏବଂ କହିଥିଲେ ଯେ, ଉକ୍ତ ଜଙ୍ଗଲ ଜମି ଅଧିକାରରୁ ଯେଉଁମାନେ ବଂଚିତ ରହିଯାଇଛନ୍ତି, ସେମାନେ ଉକ୍ତ ଜମିର ପଟ୍ଟା ପାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ତିନି ଗୋଟି ଗ୍ରାମ ଯଥା ପରଜାପଦର, ନାଲିଗୁଡା ଓ ଗୋଟିଗୁଡା ଗ୍ରାମର ପାଖାପାଖି ୧୩୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଂଟନ କରାଯାଇଛି ଓ ଏଥିରେ ତହସିଲ ର ବରିଷ୍ଠ କିରାଣୀ ଲକ୍ଷ୍ମଣ ରାଉତ, ବରିଷ୍ଠ କିରାଣି ସୋମନାଥ ପାତ୍ର, ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧୩/୦୮ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥାରେ ସ୍ୱାୟତ ଶାସନ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱରେ ମ୍ୟୁନିସିପାଲିଟି ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ମାସ ୩୧ ତାରିଖ ସ୍ୱାୟତ ଶାସନ ଦିବସ ପାଳନ ହେଉ ଥିବାରୁ ଏହାକୁ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହା ସହ ପୌରାଂଚଳ ରେ ସଂପୂର୍ଣ୍ଣ ହୋଇଥିବା ବିଭିନ୍ନ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶିଳାନ୍ୟାସ ପାଇଁ ଯୋଜନା ରଖାଯାଇଛି । ଏହି ଦିବସ ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହାସହ ମ୍ୟୁନିସିପାଲିଟି କର୍ମଚାରୀମାନଙ୍କ ଦ୍ୱାରା ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବା ସହ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଫ୍ୟାନସି ଡ୍ରେସ, ଝୋଟି ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭିନ୍ନକ୍ଷମ ବିଦ୍ୟାଳୟରେ ମିଷ୍ଟାନ୍ନ ବଂଟନ କରାଯିବ । ସେହିଦିନ ଅପରାହ୍ନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ସୂଚନା ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପାଧକ୍ଷ ଆକବରୀ ଖାତୁନ, ଏମଇ ଦିଲିପ ସେଠୀ, କାଉନସିଲର ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା, ଉମେଶ ଚନ୍ଦ୍ର ନାୟକ, ଚୌଧୁରୀ ସୁକୁମାର ଦାସ, ରମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୧୩/୦୮ (ନି.ପ୍ର): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ପିଲାଙ୍କ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ଅଷ୍ଟାଦଶ ସପ୍ତାହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଲାଇବ୍ରେରିର ନିଜସ୍ୱ ପ୍ରେକ୍ଷାଳୟରେ ସମାପିତ ହୋଇଯାଇଛି । ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଶିକ୍ଷଣକୁ ଆରମ୍ଭକରି ସ୍ୱାମୀ ବିବେକାନନ୍ଦ ଙ୍କ ଜୀବନୀ ଉପରେ ଆଲୋଚନା କରି ବଲାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀମତୀ ଦୀପାଳି ଚୌଧୁରୀ, ବିବେକାନନ୍ଦଙ୍କୁ ଜାଣିଲେ ଭାରତକୁ ଜାଣିହେବ କହି ତାଙ୍କ ଜୀବନର ଅନେକ ଦୃଷ୍ଟାନ୍ତ ଉଲ୍ଲେଖ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ଅଧିବେଶନ କୁ ଆରମ୍ଭ କରି ବଲାଙ୍ଗୀର ଟ୍ରେନିଂ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରୋଫାସର ଉମେଶ ଚନ୍ଦ୍ର ଖଡଙ୍ଗା ଜୀବନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାରେ ଖୁବ ସତର୍କତା ଅବଲମ୍ବନ କରିବାକୁ ଉପଦେଶ ଦେଇ ବାପା, ମା, ଗୁରୁଜନ ଓ ବନ୍ଧୁମାନଙ୍କ ସହାୟତା ନେବାକୁ ପିଲାଙ୍କୁ ପ୍ରେରିତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ସାଧାରଣ ଜୀବନରେ ଇଂରାଜୀ କଥନର ଶୈଳୀ ଉପରେ ପିଲାଙ୍କୁ ବୁଝେଇଥିଲେ । ଆଜିର ଆଲୋଚନାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ହୁମେରା ବାନୋ, ଜୁଲି କୁମୁରା, ସୁଚିସ୍ମିତା ସାହୁ, ଦୀପ୍ତିରଞ୍ଜନ ନାୟକ, କାହ୍ନା ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶିବିରରେ ପିଲାଙ୍କୁ ଉତ୍ସାହିତ କରବାପାଇଁ ପ୍ରୋଫେସର ଆଦିତ୍ୟ ପ୍ରସାଦ ପାଢୀ, ଗୋଲକ ବିହାରୀ ମିଶ୍ର, ପୃଥ୍ୱିରାଜ ମିଶ୍ର,,ରବି ନାରାୟଣ ମିଶ୍ର, ମନୋଜ କୁମାର ନାଥ, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ଡ଼ ପ୍ରମୋଦ ପଣ୍ଡା, ଡ଼, ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପାଟଯୋଶୀ, ଡାକ୍ତର ଜୟଦେବ ମେହେର, ଦେବସ୍ମିତା ରାଉତ, ଡ଼ ରାଜକୁମାର ସାଣ୍ଡିଲ୍ୟଙ୍କ ସମେତ ଅନେକ ଅବିଭାବକ ଉପସ୍ଥିତ ଥିଲେ । ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ଶେଷରେ ଜାତୀୟ ସଙ୍ଗୀତ ଗାନପରେ ସଭା ଶେଷ ହୋଇଥିଲା । ଆଜିର ପ୍ରଶିକ୍ଷଣ ଶିବିରରେ ୧୫ଟି ହାଇସ୍କୁଲରୁ ମୋଟ୍ ୪୧ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଭବନରେ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା

ସମ୍ବଲପୁର, ୧୩/୦୮ (ନି.ପ୍ର): ଓଡିଶା ସାଂସ୍କୃତିକ ସମାଜ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତାକୁ ବୟୋଜ୍ୟେଷ୍ଠ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଏବଂ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସଂଯୋଜକ, ଶ୍ରୀକାନ୍ତ ଷଡଙ୍ଗୀ ଓ ଅଶୋକ କୁମାର ପ୍ରଧାନ କୁଇଜ ମାଷ୍ଟର, ପ୍ରଶାନ୍ତ କୁମାର ପାଟ୍ଟଯୋଶୀ ସ୍କୋରର ଦାୟୀତ୍ୱ ନିର୍ବାହ କରିଥିଲେ । ହାଇସ୍କୁଲ ସ୍ତରରେ ବୁଢ଼ାରଜା ବାଳିକା ବିଦ୍ୟାଳୟର ଶୁଭଶ୍ରୀ ବାରିକ ଓ ମନୀଷା ନାଏକ ପ୍ରଥମ, ସେଂଟ ଜୋସେଫ କନଭେଂଟ ସ୍କୁଲର ଶ୍ରେୟଂଶ ନନ୍ଦ ଓ ଅର୍ଣ୍ଣବ ସଞ୍ଜୀବ ମିଶ୍ର ଦ୍ୱିତୀୟ, ଲେଡି ଲୁଇସ୍ ବାଳିକା ବିଦ୍ୟାଳୟର ଅର୍ପିତା ପ୍ରଧାନ, ଅଙ୍କିତା ପ୍ରଧାନ ଓ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ନିଖିଳ କୁମାର ପୂଜାରୀ, ଶ୍ଲୋକ କିଶୋର ବେବର୍ତ୍ତା ଯୁଗ୍ମ ଭାବେ ତୃତୀୟ ହୋଇଥିଲେ । ଯୁକ୍ତଦୁଇ ବର୍ଗରେ ବିକାଶ ସ୍କୁଲ, ଶାସନର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁ ପ୍ରଥମ, ଗଙ୍ଗାଧର ମେହେର ହାଇଅର୍ ସେକେଣ୍ଡାରି ସ୍କୁଲର ସୃଷ୍ଟିମୟୀ ପୁରୋହିତ ଓ ଅଂଶୁମାନ ସାମଲ ଦ୍ୱିତୀୟ, ରାମକଲି ଦେବୀ ଟ୍ରଷ୍ଟ ହାଇଅର୍ ସ୍କୁଲ ର ଅନନ୍ତ ମୁଣ୍ଡା ତୃତୀୟ ହୋଇଥିଲେ । କଲେଜ ବର୍ଗରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ପିୟୁଷ ଠାକୁର ଓ ସୁଶ୍ରିତା ସାହୁ ପ୍ରଥମ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ମାନସ ରଞ୍ଜନ ମିଶ୍ର ଓ ମାଧବେନ୍ଦ୍ରପୁରୀ ପଣ୍ଡା ଦ୍ୱିତୀୟ, ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟ, ଘୁଡ଼କାଟିକରାର ରୋହିତ ବନଛୋର ଓ ଦୂର୍ଗା ପ୍ରସାଦ କର୍ଣ୍ଣ ତୃତୀୟ ହୋଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଘୋଷଣା ହୋଇଥିଲା ।

# ଛଣଗିରି ଗୋଷ୍ଠୀ ସଂଘର୍ଷ:୧୪ପ୍ଲାଟୁନ ଫୋର୍ସର ନଜରରେ ପୁରା ଛଣଗିରି ଅଞ୍ଚଳ

ଖୋର୍ଦ୍ଧା, ୧୩/୦୮ (ନି.ପ୍ର): ଗତ ଶୁକ୍ରବାର ଗୋଷ୍ଠୀ ସଂଘର୍ଷ ପରେ ଏବେ ପୁଲିସ ଛାଉଣୀରେ ଛଣଗିରି ଅଞ୍ଚଳ । ଘଟଣାସ୍ଥଳର ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ବରିଷ୍ଠ ପୁଲିସ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ନେତୃତ୍ୱରେ ୧୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି । ଏପରିକି ଡିଆଇଜି ତଥା ଖୋର୍ଦ୍ଧା ଏସ୍‌ପି ଅଭିନଶ କୁମାର ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।ତେବେ ଶାନ୍ତି ରକ୍ଷା ପାଇଁ ପଇଁତରା ମାରୁଛନ୍ତି ପୋଲିସ । ସମଗ୍ର ଅଞ୍ଚଳରେ ପଇଁତରା ମାରୁଥିବା ବେଳେ ପରିସ୍ଥିତି ରିସ୍ଥିତି ସ୍ୱାଭାବିକ ହେଉଛି । ରାସ୍ତାଘାଟ ଶୁନଶାନ୍ ଓ ଥିବା ବେଳେ ସାହି ମଝିରେ କିଛି ଦୋକାନ ବଜାର ଖୋଲି ଥିବାର ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଗତ ଶୁକ୍ରବାର ଛଣଗିରି ଗାଁ ରେ ଗୋରୁ ଚାଲାଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା । ଗୋଟିଏ ଗୋଷ୍ଠୀ ଅପର ଗୋଷ୍ଠୀର ମୋଟରସାଇକଲ ଭଙ୍ଗରୁଜା କରିବା ସହିତ ପୋଡ଼ି ପୋଡ଼ିଥିବା ବେଳେ ଅନ୍ୟ ଗୋଷ୍ଠୀ ଦୋକାନ ବଜାରରେ ନିଆଁ ଲଗାଇ ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲ ଥିଲା ।ପରେ ଉତ୍ୟକ୍ତ ଲୋକେ ୧୬ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ରାଜପଥ ଅବରୋଧ ଯୋଗୁଁ ଶହ ଶହ ଗାଡ଼ି ଅଟକି ରହିଥିଲା । ତେବେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ସେମାନଙ୍କ ଦାବି ଉପରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ରାସ୍ତା ଅବରୋଧ ହଟିଥିଲା ।

## ଗୁପ୍ତେଶ୍ୱର ପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼

ଜୟପୁର, ୧୩/୦୮ (ନି.ପ୍ର): ଆଜି ଶ୍ରାବଣ ମାସ ଚତୁର୍ଥ ସୋମବାର ଅବସରରେ ବୋଲ ବମ୍, ହରହର ବମ୍ ଧ୍ୱନିରେ କମ୍ପୁଛି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ । କାନ୍ଧରେ କାଉଡ଼ି, ଦେହରେ ଗେରୁଆ ବସ୍ତ୍ର ପରିଧାନ କରି ତୁଣ୍ଡରେ ହର ହର ମହାଦେବ ନାମ ନେଇ ଗୁପ୍ତେଶ୍ୱର ପୀଠକୁ ଛୁଟି ଆସିଛନ୍ତି ହଜାର ହଜାର ସଂଖ୍ୟାରେ କାଉଡିଆ ଭକ୍ତ । ଜିଲ୍ଲା ଏବଂ ବାହାର ଜିଲ୍ଲାରୁ ଆସି ଶୈବ ପୀଠରେ ଜଳଲାଗି କରିଛନ୍ତି କାଉଡିଆ ଭକ୍ତ । ମନ୍ଦିରରେ ଭିଡ଼କୁ ଦୃଷ୍ଟିରେ ରଖି ଗତକାଲି ବିଳମ୍ବିତ ରାତିରୁ ପହଡ ଖୋଲାଯାଇ ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯିବା ପରେ ଭକ୍ତଙ୍କ ପାଇଁ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଛି । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କାଉଡିଆ ଓ ଭକ୍ତଙ୍କ ପାଇଁ ଧାଡି ବ୍ୟବସ୍ଥା କରାଯାଇଛି । ମହାଦେବଙ୍କ ଉପରେ ଜଳ ଢାଳି ନିଜ ମାନସିକ ପୂର୍ଣ୍ଣ କରିଛନ୍ତି କାଉଡ଼ିଆ । କାଉଡ଼ିଆମାନେ ଶୃଙ୍ଖଳିତ ଭାବେ ଜଳ ଲାଗି କରିବା ସହ ସୁରୁଖୁରୁରେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିବା ପାଇଁ ପୋଲିସ ଓ ଦେବତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ଗୀତା ଓ ମାନବବାଦ ଦୁଇଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ପଦ୍ମଶ୍ରୀ ଶ୍ରୀମତ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଂଟରନ୍ୟାସନାଲ ଗୀତା ମିଶନ ତରଫରୁ ଆୟୋଜିତ 'ଗୀତା ଓ ମାନବବାଦ' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡଃ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚରୀ ସ୍ୱୀୟ ଆଶୀର୍ବଚନରେ କହିଲେ ଯେ, ଗୀତା ଗ୍ରନ୍ଥ ଏକ ଧର୍ମଶାସ୍ତ୍ର ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ, ଅଂଚଳ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ସମଗ୍ର ବିଶ୍ୱର ପ୍ରତିଟି ମଣିଷମାନଙ୍କ ପାଇଁ ଉଦ୍ଦିଷ୍ଟ । ଗୀତା ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିବାର ମାର୍ଗଦର୍ଶନ କରିଅଛନ୍ତି । ଗୀତା ମାନବବାଦର ପ୍ରତିଷ୍ଠା, ଅତ୍ୟନ୍ତ ସଶକ୍ତ ଭାବେ ପ୍ରତିଷ୍ଠିତ କରିଅଛନ୍ତି । ଶ୍ରୀମଦ୍ ଭଗବତ ଗୀତା କେବଳ ଏକ ଧର୍ମ ନୁହେଁ, ଏହା ମାନବବାଦର ସର୍ବଶ୍ରେଷ୍ଠ ଓ ସର୍ବପ୍ରାଚୀନ ଉଦ୍‌ଘୋଷକ । ଶରୀରରୁ ଆତ୍ମା ପର୍ଯ୍ୟନ୍ତ ଯାତ୍ରା ଲାଗି ପଥ ସୁଗମ କରୁଥିବା ଆଲୋକ ବର୍ତିକା ହିଁ ଗୀତା । ଏହାକୁ ମନୁଷ୍ୟ ଯେତେ ପାଠ କରୁଥିବେ, ସେଥିରୁ ସେତିକି ନୂଆ ନୂଆ ତଥ୍ୟ ଓ ପ୍ରେରଣା ଆହରଣ କରୁଥିବେ । ସ୍ଥୂଳ ମନୁଷ୍ୟ ମଧ୍ୟରେ ଅହରହ ଚାଲିଥିବା ମହାଭାରତ ସଂଗ୍ରାମରେ, ମୋହ ଓ ଅଜ୍ଞାନ ସଦୃଶ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଚକ୍ଷୁଷ୍ମାନ ସଞ୍ଜୟଙ୍କ ଭଳି ଗୀତା ଦିବ୍ୟ ସନ୍ଦେଶ ଦେଇ ଚାଲିଥିବ । ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଆନ୍ତର୍ଜାତିକ ଗୀତା ମିଶନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଦୁଇଦିନିଆ ଆଲୋଚନା ଚକ୍ରର ଉଦ୍‌ଯାପନୀ ସନ୍ଧ୍ୟାରେ ଆର୍ଯ୍ୟସମାଜ ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଉତ୍କଳ ବିଦ୍ୱତ ପରିଷଦର ଅଧକ୍ଷ ମନୋଜ ରଥ ନିଜ ନିଜ ବକ୍ତବ୍ୟରେ ଏହା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳ ମହାପାତ୍ର ଓ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ସୀତାବଲ୍ଲଭ ମହାପାତ୍ର ଦୈନିକ ଜୀବନରେ ଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନର ଉପସଭାପତି ଶଙ୍କର୍ଷଣ ରାଉତ ସ୍ୱାଗତ ଭାଷଣ ଓ ଡଃ ସ୍ୱପ୍ନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁପ ଦେ, ଝରଣାବାଳା ଦାସ, ନମିତା ଦାସ, ଜ୍ୟୋତିରଞ୍ଜନ ଦାସ, ରଶ୍ମିତା ରଥ, ଜ୍ୟୋତ୍ସ୍ନା ରଥ, ତପନ ରାଉତ, ସୁଶାନ୍ତ ବରାଳ, ବାସନ୍ତୀ ଜେନା, ସଞ୍ଜୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ବିଶେଷଭାବେ ସହଯେଗା କରିଥିଲେ । ଏଥିରେ ଅନେକ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ ।

# ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତି କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ

କେନ୍ଦ୍ରାପଡ଼ା, ୧୩/୦୮ (ନି.ପ୍ର): ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶ୍ରୀ ଦାସ କହିଥିଲେ ଯେ ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନାଙ୍କର କନିକା ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ ପ୍ରତି ଅତୁଳନୀୟ ଅବଦାନ ଥିଲା । ସେ ଥିଲେ ମହାତ୍ମାଗାନ୍ଧୀଙ୍କ ସାବରମତି ଆଶ୍ରମର ପ୍ରଥମ ଓଡିଆ ଛାତ୍ର । ତାଙ୍କ ରଚିତ "ଦୁଃଖିନୀ କନିକା" ପୁସ୍ତକକୁ ଇଂରେଜ ସରକାର ବାଜ୍ୟାପ୍ତି କରିଦେଇଥିଲେ । ସେହିଦିନ ଠାରୁ ଗୋପବନ୍ଧୁ ଦାସ ସ୍ୱର୍ଗତ ଜେନାଙ୍କୁ ଦୁଃଖିନୀ କନିକା ନାମରେ ସମ୍ବୋଧନ କରିଥିଲେ । ସ୍ୱର୍ଗତ ଦାସ ହଜାରୀବାଗ ଜେଲରେ ଥାଇ ଆନନ୍ଦ ଚନ୍ଦ୍ରଙ୍କୁ ଚିଠି ମାଧମରେ ସାନ୍ତ୍ୱନା ଦେଇଥିଲେ । ଏହି ଦୁଃଖିନୀ କନିକା ପୁସ୍ତକ ଗାନ୍ଧିଜୀଙ୍କ 'ଇଙ୍ଗ ଇଣ୍ଡିଆ' ପତ୍ରିକାରେ ପ୍ରକାଶ ପାଇଥିଲା । ଯାହାକୁ ଦେଖି ଜାତୀୟ ସ୍ତରର ନେତା ଲାଲା ଲାଜପତରାୟ, ଭି.ଭି. ଗିରି, ମଦନମୋହନ ମାଲବ୍ୟ, ଚିତରଞ୍ଜନ ଦାସ ପ୍ରମୁଖ ହତବାକ୍ୟ ହୋଇପଡିଥିଲେ । ଜାତୀୟ ସ୍ତରରେ ପରିଚିତ ହୋଇଥିବା ସ୍ୱର୍ଗତ ଜେନାଙ୍କର ୪୨ଏକର ସମ୍ପତିକୁ କନିକା ରାଜା ଓ ଇଂରେଜ ସରକାର ମିଶି ନିଲାମ କରିଦେଇଥିଲେ । ସେ ୭ଥର କାରାବରଣ କରିଥିଲେ । ଶେଷରେ ଏହି ମହାନ ସଂଗ୍ରାମୀଙ୍କୁ ଦେଶ ସ୍ୱାଧୀନତା ହେବା ପୂର୍ବରୁ ୧୯୪୬ ମସିହାରେ ଖାଦ୍ୟରେ ବିଷ ମିଶାଇ ମାରିଦେଇଥିଲେ । ସେହିଦିନ ଠାରୁ ଅଗ୍ନିପୁତ୍ର ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନାଙ୍କର ଦେଶ ପାଇଁ ମହାନ ବଳିଦାନ ରହିଥିଲା । ଏହାପରେ ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ନୂତନ କର୍ମକର୍ତା । ଚୟନ କରାଯାଇ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଓକିଲ ସଙ୍ଘର ପୂର୍ବତନ ସଭାପତି ବିଚିତ୍ରାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଦିପ କୁମାର ଦାଶ, ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସଂଗଠନ ସମ୍ପାଦକ ମୁକ୍ତାର ଖାଁ ଓ ଧିରେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଚନ୍ଦନବିହାରୀ ପରିଡା ଓ ସତ୍ୟବ୍ରତ ସିଂ, ସଂଯୋଜକ ପ୍ରଭାତ କିଶୋର ନାୟକ ଓ ସଞ୍ଜୟ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ଶୁଭାଂଶୁ ଦାସ ଓ ଅଶୋକ କୁମାର ସାହୁ, ସହ ସମ୍ପାଦକ ଗୋଲଖ ଚନ୍ଦ୍ର ପରିଡା ଓ ଶେଷଦେବ ପ୍ରସାଦ ଦାସ, କୋଷାଧକ୍ଷ ପ୍ରଦୀପ କୁମାର ସିଂ, ପ୍ରବକ୍ତା ଭାବେ ଅବନ୍ତୀ ବେହେରା ଓ ଆଦିକନ୍ଦ ରାଉଳ, କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟ ଦାସ, ଅକ୍ଷୟପ୍ରିୟ ଦାସ ଓ ସେକ ସୌକତ ଖାନ ଏବଂ ଉପଦେଷ୍ଟା ଭାବେ କବି କରୁଣାକର ଦାସ, ଅଧାପକ ନନ୍ଦ କିଶୋର ପରିଡା, ଡ. ବାସୁଦେବ ଦାସ, ହୃଷିକେଶ ରଥ, ନିରାକାର ଦାସ, ଅମ୍ବିକା ପ୍ରସାଦ ଦାସ, ବିରଜା ରାଉତରାୟ, ଆଶିଷ ସେନାପତି, ନିରଞ୍ଜନ ମେକାପ, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥୀ ଜେନା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ନୂତନ କର୍ମକର୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ଗୁରୁ, ନିରଞ୍ଜନ ବଳ, ପୀତବାସ ଦାସ, ସେକ ସାମା, ସୟଦ ମୁକ୍ତାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରଣଧୀର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୩/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ଜିପିଓ ଭାଗିରିଥି ନାୟକ, ସିଡିପିଓ ସୁଚିତା ପଣ୍ଡା, ବିଇଓ ଚନ୍ଦନ କୁମାର ନାୟକ, ସରପଂଚ ବଳିଭଦ୍ର ଗାଦବା , ସମିତି ସଭ୍ୟା ମଞ୍ଜୁଳା ଭୁମିଆ . ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ , ହଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୁତନ ରାସ୍ତା, ରାସ୍ତା ମରାମତି, ଅଙ୍ଗନବାଡୀ କେନ୍ଦ୍ର ନିର୍ମାଣ, ଡ୍ରେନ ନିର୍ମାଣ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ଉପସ୍ଥିତ ରହି ସଚେତନ କରିଥିଲେ । ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା ।

# ବିଜେଡିର ଜନଜାଗରଣକୁ ବିଜେପିର କାଉଂଟର

## ୫୦୦ଟଙ୍କା ଭତ୍ତାକୁ ହଜାରେ କରିବାକୁ ବିଜେଡିକୁ ୨୫ବର୍ଷ ସମୟ ଲାଗିଲା

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ୨୫ ବର୍ଷ ଧରି ନବୀନ ବାବୁ ଓଡ଼ିଶାର ଲୋକଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଭଣ୍ଡେଇ ଆସୁଥିଲେ କିନ୍ତୁ ବିଜେପି ଓଡ଼ିଶାରେ ପ୍ରଥମ ସରକାର ଗଠନ କରିବା ପରେ ଯାହା ନିର୍ବାଚନି ପ୍ରତିଶ୍ରୁତି ଦେଇଥିଲା, ତାହା ଗୋଟି ଗୋଟି ପୂରଣ କରୁଛି । ଯାହାକୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସହ୍ୟ କରିନପାରି ବାଉଳି ଚାଉଳି ହୋଇ ଲୋକଙ୍କ ପାଖକୁ ଯାଇ "ଜନଜାଗରଣ" କରିବେ ବୋଲି ଟ୍ୱିଟରେ କହିବା ଅତ୍ୟନ୍ତ ହାସ୍ୟାସ୍ପଦ । ବିଜେପି ବର୍ଦ୍ଧିତ ଭତାଦେବାର ଯେଉଁ "ନିର୍ବାଚନ ପ୍ରତିଶ୍ରୁତି" ଦେଇଥିଲା ସେଥିରୁ ପ୍ରଥମ ପର୍ଯ୍ୟାୟରେ ୮୦ବର୍ଷରୁ ଉର୍ଦ୍ଧ୍ୱ, ଭିନ୍ନକ୍ଷମ, ବିଧବା ମାନଙ୍କୁ ୩୫୦୦ଟଙ୍କା ଭତା ଦେବ ବୋଲି ନିଷ୍ପତି ନେଇଛି । ଏକଥାକୁ ବିଜେଡି ସହଜରେ ହଜମ କରିପାରୁନାହିଁ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ପ୍ରେସ୍ ବିଜ୍ଞପ୍ତିରେ ଡ.ମହାନ୍ତି କହିଛନ୍ତି ଯେ, ୫୦୦ଟଙ୍କା ଭତାକୁ ହଜାରେ କରିବାକୁ ବିଜେଡିକୁ ୨୫ବର୍ଷ ସମୟ ଲାଗିଲା । ଏବେ ଦୁଇ ମାସର ବିଜେପି ସରକାର ଲକ୍ଷାଧିକ ହିତାଧିକାରୀଙ୍କ ପାଇଁ ତିନିଗୁଣ ବଢ଼ାଇ ୩,୫୦୦ଟଙ୍କା ଭତା କରିବା ପରେ, ବିଜେଡି ସଭାପତି ଅସହିଷ୍ଣୁ ହୋଇ "ଜନଜାଗରଣ" କରିବ ବୋଲି କହିବା ଅତ୍ୟନ୍ତ ନିର୍ଲ୍ଲଜତାର ପରିଚୟ । ଦୀର୍ଘଦିନର ଭ୍ରଷ୍ଟାଚାର, ଅପାରଗତା କାରଣରୁ ଜନତା ବିଜେଡିକୁ ପ୍ରତ୍ୟାଖ୍ୟାତ କରିଛନ୍ତି । ବିଜେପି ଚାହୁଁଛି ନବୀନ ବାବୁ ଥରେ ଲୋକଙ୍କ ପାଖକୁ ଯାଆନ୍ତୁ । ଲୋକଙ୍କ ମନରେ ଥିବା କ୍ଷୋଭ, ଗ୍ଲାନି ଓ ଆକ୍ରୋଶ ଅଛି ତାକୁ ସାମ୍ନା କରନ୍ତୁ । ବିଜେଡି ୨୫ବର୍ଷରେ ଯେତେ ପ୍ରତିଶ୍ରୁତି ଦେଇଥିଲା ତାହା ବିଭିନ୍ନ ଯୋଜନା ମାଧ୍ୟମରେ ସବୁ ଧୂଆଁବାଣ ଲୋକଙ୍କୁ ଠକିବାର ଉପାୟ ଥିଲା । ମୁଖ୍ୟମନ୍ତ୍ରୀ ଶାସନରେ ଥିବା ବେଳେ ପୁରୀରେ ଛିଡା ହୋଇ କହିଥିଲେ ଯେ, ପ୍ରତିବର୍ଷ କାଳିଆ ଯୋଜନାରେ ୧୦ହଜାର ଟଙ୍କା ଚାଷୀଙ୍କୁ ଦେବୁ କିନ୍ତୁ କୌଣସି ଚାଷୀ ୧୦ହଜାର ଟଙ୍କା ପାଇଲେ ନାହିଁ । ସୋହେଲାରେ ୧୦୦ ଟଙ୍କା ବୋନସ୍ ଚାଷୀଙ୍କୁ ଦେବେ ବୋଲି ଘୋଷଣା କରିଥିଲେ କିନ୍ତୁ ତାହାକୁ ଦେଲେ ନାହିଁ । ସେହିପରି ପିଠା ଯୋଜନାରେ ମା'ମାନଙ୍କୁ ଭଣ୍ଡାଇ ଥିଲେ । ବିଜୁ ଯୁବ ବାହିନୀ ଗଠନ କରି ଯୁବକମାନଙ୍କ ଭବିଷ୍ୟତ ସହ ଖେଳ ଖେଳିଲେ । ଏଭଳି ଅନେକ ଉଦାହରଣ ସୃଷ୍ଟି କରିଛନ୍ତି ଖୋଦ୍ ନବୀନ ବାବୁ ଏବଂ ବର୍ତମାନ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ନବଗଠିତ ବିଜେପି ସରକାର ଉପରେ ମିଥ୍ୟା ଆରୋପ ଲଗାଉଛନ୍ତି । ବିଜେପି ଯାହା କୁହେ ତାହା କରେ, ନବୀନ ବାବୁ ଠକିବା ଛଡା କିଛି ଜାଣନ୍ତି ନାହିଁ । ବିଜେପି ନିର୍ବାଚନୀ ବେଳେ ପ୍ରତିଶ୍ରୁତି ଦେଇଥିଲେ ଧାନ କ୍ୱିଂଟାଲ ୩୧ଶହ ଟଙ୍କା କରିବେ ବୋଲି, ସେହି ପ୍ରତିଶ୍ରୁତି ପାଳନ କରିଛି । ଓଡ଼ିଶାବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଡ. ମହାନ୍ତି କହିଛନ୍ତି ।

# ଶିକ୍ଷା ଓ ଅନୁସନ୍ଧାନ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୩/୦୮ (ନି.ପ୍ର): ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିଛି ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟ । ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍ ୱାର୍କ (ଏନ୍‌ଆଇଆରଏଫ୍) ର୍‍ୟାଙ୍କିଙ୍ଗସ୍ ର ନବମ ସଂସ୍କରଣରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ୧୪ ତମ ସ୍ଥାନ ହାସଲ କରି ସୋଆ ଗୋଟିଏ ପାହାଚ ଉପରକୁ ଉଠିଛି । ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ର୍‍ୟାଙ୍କିଙ୍ଗ ଘୋଷଣା କରାଯାଇଛି । ଗତବର୍ଷ ସୋଆ ଦେଶରେ ୧୫ ତମ ର?ୟାଙ୍କ ହାସଲ କରିଥିଲା । ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ର ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରାଜ୍ୟ ଶିକ୍ଷାମନ୍ତ୍ରୀ ସୁକାନ୍ତ ମଜୁମ୍‌ଦାର ଉପସ୍ଥିତ ଥିଲେ । ସେହିପରି ସାମଗ୍ରିକ ଶିକ୍ଷାନୁଷ୍ଠାନ ତାଲିକାରେ ଗତବର୍ଷର ର୍‍ୟାଙ୍କିଙ୍ଗ ଠାରୁ ଦୁଇଟି ସ୍ଥାନ ଉପରକୁ ଯାଇ ସୋଆ ଏଥର ୨୪ ତମ ସ୍ଥାନ ହାସଲ କରିଛି । ୨୦୧୬ ମସିହାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୯ ବର୍ଷ ଧରି ଆୟୋଜିତ ହେଉଥିବା ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ରେ ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛି ସୋଆ । ସେଥି ମଧ୍ୟରୁ ୭ ଥର ଶ୍ରେଷ୍ଠ ୨୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସାମିଲ୍ କରି ପାରିଛି ସୋଆ । ଏହି ଡିମ୍‌ଡ ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କ୍ୟାଟେଗୋରିରେ ଗତ ବର୍ଷ ୨୭ ତମ ର୍‍ୟାଙ୍କ ହାସଲ କରିଥିବା ବେଳେ ଚଳିତ ବର୍ଷ ଏଥିରେ ଉନ୍ନତି ଘଟି ୨୬ ତମ ସ୍ଥାନରେ ପହଂଚିଛି । ମେଡିକାଲ୍ ସାଇନସେସ୍ କ୍ୟାଟେଗୋରିରେ ଦେଶରେ ସୋଆ ୨୧ ତମ, ଡେଂଟାଲ୍ ଏବଂ ଲ' କ୍ୟାଟେଗୋରିରେ ନବମ ସ୍ଥାନରେ ରହିଛି । ସେହିପରି ମ୍ୟାନେଜମେଂଟ ସାଇନସେସ୍ କ୍ୟାଟେଗୋରିରେ ୬୨ତମ ଏବଂ ରିସର୍ଚ୍ଚ କ୍ୟାଟେଗୋରିରେ ୫୦ ତମ ସ୍ଥାନ ହାସଲ କରିଛି ସୋଆ । ସୋଆର ଦୁଇଟି ଶିକ୍ଷାନୁଷ୍ଠାନ ଫାକଲ୍ଟି ଅଫ୍ ଲ (ସୋଆ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଲ) ଏବଂ ଫାକଲ୍ଟି ଅଫ୍ ଡେଂଟାଲ୍ ସାଇନସେସ୍ (ଇନଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍) ନବମ ସ୍ଥାନ ହାସଲ କରି ଟପ୍ ଟେନ୍ ତାଲିକାରେ ରହିଛନ୍ତି । ସୋଆ ୨୦୨୨ରେ ନ୍ୟାସନାଲ୍ ଆସେସ୍‌ମେଂଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ୍ (ନାକ୍) ଦ୍ୱାରା ସର୍ବାଧିକ ଏ ++ ଗ୍ରେଡ୍ ହାସଲ କରି ପୁନଃ ସ୍ୱୀକୃତି ଲାଭ କରିଥିଲା । ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ଅବସରରେ ଖୁସି ବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟର ଫାକଲ୍ଟି, ଗବେଷକ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସୋଆକୁ ଆହୁରି ଉଚ୍ଚକୁ ନେବା ନିମନ୍ତେ ସେମାନଙ୍କର ଏହି ଉଦ୍ୟମକୁ ଜାରି ରଖିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ସୋଆର କୂଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଏହି ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ବିଶ୍ୱବିଦ୍ୟାଳୟକୁ ଆଗାମି ୫ ବର୍ଷ ମଧ୍ୟରେ ଦେଶର ଶ୍ରେଷ୍ଠ ୧୦ଟି ବିଶ୍ୱବିଦ୍ୟାଳୟ ତାଲିକାରେ ସ୍ଥାନିତ କରିବା ପାଇଁ କଠିନ ପରିଶ୍ରମ ଜାରି ରଖିବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

# କାନ ପାଇଁ ମୁଣ୍ଡବିନ୍ଧା



ନାରାୟଣ ଚନ୍ଦ୍ର ବିଶ୍ୱାଳ

କାନ ଆମ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ପିଲାବେଳର ସେହି ହୃଦୟସ୍ପର୍ଶୀ ଧାଡ଼ିଟି ମନେପକାନ୍ତୁ 'ଆଖି ନାହିଁ କାନ ନାହିଁ, ବାଜିଗଲେ ଦୋଷ ନାହିଁ' । ମସ୍ତିଷ୍କ ସହିତ କାନ ସଂଲଗ୍ନ ହୋଇଥିବାରୁ ଏହାର ମସ୍ତିଷ୍କ ପରିଚାଳନା କ୍ଷେତ୍ରରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ । ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ । ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି । ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ । ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା । ଅନ୍ୟୁନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି । କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ୍‌ର ବ୍ୟବହାର କରନ୍ତି । ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ । କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି । ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ । ଫଳରେ ମୁଣ୍ଡ ବୁଲାଇଥାଏ । କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ । ଏହାପରେ କାନକୁ ଭଲ ଶୁଣାଯାଏନା । କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ । ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ । ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ । ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ । କାନ କୁଣ୍ଡାଇହୁଏ । ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ । ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ ।

ସାଧାରଣତଃ ଅଧିକ ସମୟ ବାଥରୁମର ସାୱାର ଖୋଲାକରି ଗାଧୋଇବା ଦ୍ୱାରା ବା ନଦୀ କିମ୍ବା ପୋଖରୀରେ ଏପରିକି ସୁଇମିଂ ପୁଲ୍‌ରେ ଗାଧୋଇବା ବେଳେ କାନରେ ପାଣି ପଶି ଯାଇଥିଲେ ପରବର୍ତ୍ତୀ ସମୟରେ ତୁରନ୍ତ ଏହାକୁ ସଫା କରିବା କଥା । ସେହିପରି କାନ କୁଣ୍ଡାଇ ହେଲେ ବା କୌଣସି ଅସ୍ୱସ୍ତିକର ଅନୁଭବ ହେଲେ ଏଣୁତେଣୁ ଯେ କୌଣସି କାଠି ଜାତୀୟ ଜିନିଷ, ଡଟ୍ ପେନ ଏପରିକି ଚାବି ରିଂରୁ ଚାବିର ଲମ୍ବା ମୁନିଆ ଧାତବ ଅଂଶକୁ ପୁରାଇ ସଫା କରିଥାନ୍ତି ଏହା ଅତ୍ୟନ୍ତ ଖରାପ ଅଭ୍ୟାସ । ଆଜିକାଲି ବଜାରରେ ଏପରିକି ସମୁଦ୍ର କୂଳ ମାନଙ୍କରେ କାନ ସଫା କରୁଥିବା ବୁଲା ଲୋକମାନେ କାନରେ ସ୍ପିରିଟ ପକାଇ ସଫା କରିଥାନ୍ତି । ସେମାନେ ବିଷାକ୍ତ ସ୍ପିରିଟ ବ୍ୟବହାର କରନ୍ତି ଏବଂ ଏ କ୍ଷେତ୍ରରେ ପ୍ରଶିକ୍ଷିତ ବ୍ୟକ୍ତି ମଧ ନୁହଁନ୍ତି ତେଣୁ ଏ ଅଭ୍ୟାସ ଠାରୁ ଦୂରେଇବା ଖୁବ ଭଲ । କାହାଁଙ୍କୁ କେବେ ଆଘାତ ଦେବାବେଳେ କାନମୁଣ୍ଡାରେ ଆଘାତ ଦେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ କାରଣ କାନ ଠାରୁ ସିଧାସଳଖ ମସ୍ତିଷ୍କର ସମ୍ପର୍କ ଥିବାରୁ ଆଘାତ ପାଉଥିବା ଲୋକଟିର ତତକ୍ଷଣାତ ଜୀବନ ଚାଲିଯିବାର ସମ୍ଭାବନା ଥାଏ । କାନ ସମ୍ପର୍କରେ କୌଣସି ଅବହେଳା କରନ୍ତୁ ନାହିଁ କିମ୍ବା କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସା ବା ଝଡ଼ାଝଡ଼ି ଗୁଣୀ ଗାରେଡ଼ି ବିଦ୍ୟାର ସାହାଯ୍ୟ ନିଅନ୍ତୁ ନାହିଁ । କାହାଁଙ୍କ ଠାରୁ କାନକୁହା କଥା ଶୁଣି ବା ସୋସିଆଲ ମିଡ଼ିଆରୁ ଦେଖି କାନ ଚିକିତ୍ସା କରନ୍ତୁ ନାହିଁ । ବୟସର ନିୟମିତ ଅବଧିରେ ଅନ୍ତତଃ ପ୍ରତି ତିନିମାସରେ ଥରେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ । ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ,
କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

# ଆମେ ବ୍ୟବହାର କରୁଥିବା ଅତରରୁ ହୋଇପାରେ କର୍କଟ ପରି ସାଂଘାତିକ ରୋଗ

ଡିଓଡୋରାଣ୍ଟ ବା ଅତର ବ୍ୟବହାର କରିବାର ସଉକ ପ୍ରାୟ ସବୁ ଲୋକଙ୍କ ଭିତରେ ଥାଏ । କେହି କେହି ଭିନ୍ନ ଭିନ୍ନ ଅତର ବାସ୍ନାରେ ନିଜ ବ୍ୟକ୍ତିତ୍ୱର ଏକ ଭିନ୍ନ ପ୍ରତିଛବି ସୃଷ୍ଟି କରିଥାନ୍ତି । କିନ୍ତୁ ଆପଣ ଜାଣନ୍ତି ନାହିଁ ଯେ ଏହାକୁ ପ୍ରୟୋଗ କରି ଆପଣ କର୍କଟ ସମେତ ଅନେକ ରୋଗକୁ ନିମନ୍ତ୍ରଣ କରିଥାନ୍ତି । ଏହିପରି ପ୍ରସାଧନ ସାମଗ୍ରୀରେ ଅନେକ ରାସାୟନିକ ପଦାର୍ଥ ଅଛି, ସେଥିମଧ୍ୟରୁ ଗୋଟିଏ ହେଉଛି ପାରାବେନ୍ । ଏନ୍‌ସିବିଆଇର ଏକ ଗବେଷଣା ଅନୁଯାୟୀ, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପାରାବେନ୍ ବିପଜ୍ଜନକ ଏବଂ ଏହା ବିପଜ୍ଜନକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ରିପୋର୍ଟରୁ ପ୍ରକାଶ ଯେ ପାରାବେନ୍ ଏକ ଏପରି ଦୂଷିତ ପଦାର୍ଥ, ଯାହା ଷ୍ଟେରଏଡ୍ ହରମୋନ୍ ନଷ୍ଟ କରିପାରେ । ଏହି ହରମୋନର ପରିବର୍ତ୍ତନ ପୁରୁଷଙ୍କ ପ୍ରଜନନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । କର୍କଟ ଏକ ବିପଜ୍ଜନକ ରୋଗ, ଯାହା ମୃତ୍ୟୁର କାରଣ ହୋଇପାରେ । ଅନୁସନ୍ଧାନରେ, ଅତରରେ ଥିବା ରାସାୟନିକ ପଦାର୍ଥ ସ୍ତନ କର୍କଟ ଏବଂ ଥାଇରଏଡ କ୍ୟାନସରର ମୁଖ୍ୟ କାରଣ ବୋଲି ଜଣାପଡିଛି । ଏହି ଉତ୍ପାଦଗୁଡିକ ପ୍ରୟୋଗ ପରେ ଏହା ଅତି ଶୀଘ୍ର ଚର୍ମରେ ପ୍ରବେଶ କରେ । ଯେଉଁ କାରଣରୁ ରାସାୟନିକ ପଦାର୍ଥ ଚର୍ମର ପ୍ରତିରକ୍ଷା ସ୍ତରକୁ କ୍ଷତି ପହଞ୍ଚାଏ ଏବଂ ଚର୍ମ ଆଲର୍ଜି ହୋଇଥାଏ । ବେଳେବେଳେ ଫୁସଫୁସରେ ବିପଜ୍ଜନକ ରାସାୟନିକ ପଦାର୍ଥ ପ୍ରବେଶ କରିବାରୁ ଏହା ଶ୍ୱାସକ୍ରିୟାରେ ବାଧା ଉପୁଯାଏ । ଯଦି ଆପଣ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଭର୍ଟିଗୋ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏହା ଅତର କାରଣରୁ ହୋଇପାରେ ।






# ଶରୀର ପାଇଁ କେତେ ଉପକାରୀ ଆତ ? ଜାଣନ୍ତୁ ଏହାର ଗୁଣ ବିଷୟରେ...


**ଫଳ ଏବଂ ପନିପରିବା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଫଳରେ ଅନେକ ପ୍ରକାରର ପୋଷକ ତ୍ୱ ଏବଂ ଭିଟାମିନ୍ ମିଳିଥାଏ । ଏଥିପାଇଁ ହିଁ ଦୈନନ୍ଦିନ ଜୀବନରେ ଫଳ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥାନ୍ତି ବିଶେଷଜ୍ଞ । ଫଳ ମଧ୍ୟରୁ ଗୋଟିଏ ହେଉଛି କଷ୍ଟାର୍ଡ ଆପଲ୍ । ଯାହାକୁ ଆମେ ସାଧାରଣତଃ ଆତ କହିଥାଉ । ଏହି ଫଳ ଅନେକ ନାଁ ଜଣାଶୁଣା । ଆତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଏବଂ ଆଇରନ୍ ଇତ୍ୟାଦି ଭରପୂର ରହିଛି । ଏହି ଫଳ ଉଭୟ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେବେ ଆସନ୍ତୁ ଜାଣିବା ଆତର ଉପକାରିତା ବିଷୟରେ...**



ବିଶେଷଜ୍ଞଙ୍କ ଅନୁଯାୟୀ ଆତରେ ଥିବା ଭିଟାମିନ୍ ସି ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଆତ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଶରୀରକୁ ଭିଟାମିନ୍ ସି ଯୋଗାଇବା ପାଇଁ ଆପଣ ଆତ ଖାଇପାରିବେ । ଆଖି ପାଇଁ ବହୁତ ଲାଭଦାୟକ ଅଟେ ଆତ । ଏଥିରେ ଥିବା ଲୁଟେନ୍ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଯାହା ଆତରେ ମିଳିଥାଏ । ଏହା ମୁକ୍ତ ରେଡିକାଲରୁ ରକ୍ଷା କରିଥାଏ ଏବଂ ଅନେକ ଚକ୍ଷୁ ସମସ୍ୟା ଦୂର କରି ଆଖିକୁ ମଧ ସୁରକ୍ଷା ଦେଇଥାଏ । ରକ୍ତଚାପ ନିୟନ୍ତ୍ରଣରେ ବେଶ୍ ଲାଭଦାୟକ ହେଉଛି ଆତଙ୍କ । ଆତରେ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ, ଯାହା ରକ୍ତବାହୀକୁ ବିସ୍ତାର କରିବାରେ ସାହାଯ୍ୟ କରିଥାଏ । ଆତ ଖାଇଲେ ରକ୍ତଚାପ କମ୍ ରହିଥାଏ । ଏହା ସହିତ ହୃଦରୋଗକୁ ରୋକିବା ମଧ ସହାୟକ ହୋଇଥାଏ ।

# ସବୁଠୁ ବଡ଼ ଭର୍ଟିକାଲ ଗାର୍ଡେନ

କଲମ୍ବିଆ, ବଗୋଟା ସହର ମଝାମଝି ରହିଛି ଏମିତି ଏକ ଅଟ୍ଟାଳିକା, ଯାହା ପାଲଟିଛି ସାରା ପୃଥିବୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ । କାରଣ ଉକ୍ତ ଅଟ୍ଟାଳିକାଟି ଆଚ୍ଛାଦିତ ହୋଇ ରଳହିଛି ଘନ ସବୁଜିମାରେ । ଆଜି ପର୍ଯ୍ୟନ୍ତ ସହରାଞ୍ଚଳରେ ତିଆରି କରାଯାଇଥିବା ବଗିଚା ମଧ୍ୟରେ ଏହା ହେଉଛି ସବୁଠାରୁ ଖାସ୍ ଓ ଆଶ୍ଚର୍ଯ୍ୟଜନକ । କାରଣ ଏହି ବଗିଚା ରହିଛି ଭୂଲମ୍ବଭାବେ । ଏଡ଼ିଫିସିଓ ସାଣ୍ଟାଲାଇଆ ନାମକ ଉଦ୍ଭିଦ ଆଚ୍ଛାଦିତ ହୋଇ ରହିଛି ଉକ୍ତ ଅଟ୍ଟାଳିକାକୁ । ୩୩୦୦୦ ବର୍ଗ ଫୁଟର ଉକ୍ତ ଉଦ୍ଭିଦ ୧୧ ମହଲା ବିଶିଷ୍ଟ ବଗୋଟାସ୍ଥ ଏହି ଅଟ୍ଟାଳିକାକୁ ଆଚ୍ଛାଦିତ କରିଛି । ଫଳରେ ଏହାକୁ ପୃଥିବୀର ସବୁଠାରୁ ବଡ଼ ଭୁଲମ୍ବାକାର ବଗିଚା କୁହାଯାଏ । ସ୍ପେନର ଗ୍ରୀନ ଡିଜାଇନର୍ ପାଇସାଜିସ୍ଥୋ ଅର୍ବାନୋ ଓ କଲମବିଆର ଗ୍ରୋନକୋଲ୍ କମ୍ପାନୀର ମିଳିତ ସହଯୋଗରେ ଉକ୍ତ ଆକର୍ଷଣ ଭୁଲମ୍ବାକାର ବଗିଚାର କାମ ୨୦୧୫ ଡିସେମ୍ବରରେ ସମାପ୍ତ ହୋଇଥିଲା । ୮ ମାସର ଯୋଜନା ଓ ଆଉ ୮ ମାସର କଠିନ ପରିଶ୍ରମ ଫଳ ସ୍ୱରୂପ ଏହା ରୂପ ପାଇଥିଲା । ଏହି ଅଟ୍ଟାଳିକାକୁ 'ଦି ଗ୍ରୀନ୍ ହାର୍ଟ ଅଫ୍ ବଗୋଟା' ମଧ୍ୟ କୁହାଯାଏ । ପୃଥିବୀର ଏହି ସବୁଠାରୁ ବଡ଼ ଭୁଲମ୍ବାକାର ବଗିଚାରେ ରହିଛି ୧୦ଟି ପ୍ରଜାତି ଓ ୫ଟି ଭିନ୍ନ ବର୍ଗର ୧,୧୫,୦୦୦ଟି ଉଦ୍ଭିଦ । ଏଗୁଡ଼ିକୁ କଲମବିଆର ଚକୋରେନ ଫରେଷ୍ଟରୁ ଅଣାଯାଇଛି ।



# ବିନା ପେନକିଲରରେ କମିବ ମୁଣ୍ଡବିନ୍ଧା

ଅଧିକାଂଶ ସମୟ ଆପଣଙ୍କ ମଣ୍ଡ ବିନ୍ଧୁଛି କି ? ବିନା ପେନକିଲରରେ ଯଦି ମୁଣ୍ଡ ବିନ୍ଧା କମ ହେଉଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ । ସାବଧାନ, ପେନକିଲର ଅଧିକ ସେବନ କ୍ଷତି ପହଞ୍ଚାଇପାରେ ଆପଣଙ୍କ ଶରୀରରେ ଅନ୍ୟ ଅଙ୍ଗକୁ । ତେବେ ବିନା ଔଷଧରେ ଏବଂ ଘରୋଇ ଉପଚାର ଦ୍ୱାରା ମଧ୍ୟ ଆପଣ ମୁଣ୍ଡ ବିନ୍ଧା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ । ତେବେ ମୁଣ୍ଡ ବିନ୍ଧିଲେ ପେନକିଲର ବଦଳରେ କିପରି କରିବେ ଉପଚାର ଜାଣନ୍ତୁ ସେ ସମ୍ପର୍କିତ କିଛି ତଥ୍ୟ ।



ମେଡ଼ିଟେସନ: ଅନେକ ସମୟରେ କାମ ଚିନ୍ତାରେ ମୁଣ୍ଡ ବିନ୍ଧା ହୁଏ, ମାନସିକ ସ୍ତରରେ ଅଧିକ ଚିନ୍ତିତ ରହିଲେ ମଧ୍ୟ ମୁଣ୍ଡ ବିନ୍ଧା ହୁଏ । ଏଥିପାଇଁ ପ୍ରଥମେ ମସ୍ତିଷ୍କକୁ ଥଣ୍ଡା ରଖିବା ଜରୁରୀ । ଥଣ୍ଡା ମସ୍ତିଷ୍କ ପାଇଁ ମେଡ଼ିଟେସନ କରିବା ଆବଶ୍ୟକ । ପ୍ରତିଦିନ ସକାଳୁ କିଛି ସମୟ ମେଡ଼ିଟେସନ କରନ୍ତୁ । ଯାହା ଆପଣଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିବା। ସହ ମୁଣ୍ଡ ବିନ୍ଧା ସମସ୍ୟା ସହଜେ କମିବ ।











ଶ୍ୱାସକ୍ରିୟା: ଯଦି ଆପଣଙ୍କ ସାଇନୋସାଇଟ୍ ସମସ୍ୟା ପାଇଁ ମୁଣ୍ଡବିନ୍ଧା ହେଉଥାଏ, ତେବେ ଯୋଗ ମାଧ୍ୟମରେ ନିଃଶ୍ୱାସ ନେବା ଓ ପ୍ରଶ୍ୱାସ ଛାଡ଼ିବା, ପ୍ରକ୍ରିୟା ଆପଣାନ୍ତୁ । ଏହାଦ୍ୱାରା ସାଇନସ୍ ସମସ୍ୟା କମିବା ସହ ମୁଣ୍ଡ ବିନ୍ଧା ମଧ୍ୟ ହେବନାହିଁ ।

ମସାଜ ଥେରାପି: ପ୍ରତିଦିନ ମୁଣ୍ଡରେ କିଛି ସମୟ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ । ଏପରି କରିବା ଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁରୂପେ ହୁଏ ଏବଂ ମୁଣ୍ଡ ବିନ୍ଧା ମଧ୍ୟ କମେ ।

ଗରମ ଓ ଥଣ୍ଡା ସେକ: ଅନେକ ସମୟରେ ଚିଡ଼୍ ଚିଡ଼ା କିମ୍ବା ବିରକ୍ତି ମନୋଭାବ ଯୋଗୁ ମୁଣ୍ଡ ବିନ୍ଧାହୁଏ । ତେବେ ଏଥିପାଇଁ କୌଣସି ଔଷଧ ସହଜେ କାମ କରିନଥାଏ । ଏଭଳି ସ୍ଥିତିରେ ଥଣ୍ଡା ପାଣି ଓ ଗରମ ପାଣି ସେକ ନେଇ ପାରିବେ । ଏକ କପଡ଼ାକୁ ଗରମ ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ । ପୁଣି ସଙ୍ଗେ ସଙ୍ଗେ ଥଣ୍ଡା ପାଣିରେ ବୁଡ଼ାଇ କପାଳ ଉପରେ ରଖନ୍ତୁ । ଏପରି ୧୫ ମିନିଟ କରନ୍ତୁ । ଦେଖିବେ ମୁଣ୍ଡ ବିନ୍ଧା କମିଯାଇଥିବ ।

ପିପରମେଣ୍ଟ ଯୁକ୍ତ ତେଲ: ପିପରମେଣ୍ଟ ବହୁ ପରିମାଣରେ ଆଣ୍ଟି ଇଚ୍ଛାମୋଟୋରୀ ରହିଛି । ଯାହା ବିନ୍ଧା ହେଉଥିବା ସ୍ଥାନରେ ଲଗାଇବା ଦ୍ୱାରା ଯନ୍ତ୍ରଣା କମିଯାଏ ।ତେବେ ଯନ୍ତ୍ରଣା କମାଇବା ପାଇଁ ପିପରମେଣ୍ଟ ଯୁକ୍ତ ତେଲ ବ୍ୟବହାର କରନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୟୁନୁସ୍‌ଙ୍କ କସରତ...

ଅସ୍ଥିର ପଡ଼ୋଶୀ ବାଂଲାଦେଶର ହିଂସା ଓ ଅରାଜକତାର ଖଳନାୟିକା ଆରୋପିତ ଶେଖ୍ ହସିନାଙ୍କ ଦେଶାନ୍ତର ହେବାର ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ସୁଦ୍ଧା ସେଠାରେ ଶାନ୍ତି ଓ ସ୍ଥିରତା ବାହାଲ ହୋଇନାହିଁ। ସେନା ଉଦ୍ୟମରେ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ ଉପଦେଷ୍ଟା କମିଟି ଜରିଆରେ ସେଠାରେ ଏକ କାମଚଳା ସରକାର ଗଠନ ହୋଇଛି। ଆନ୍ଦୋଳନକାରୀ ଛାତ୍ରନେତାଙ୍କ ସହିତ ଆଲୋଚନା ସକାରାତ୍ମକ ବୋଲି ସେନା ପକ୍ଷରୁ ଦାବି କରାଯାଇଛି। ତଥାପି ସେଠାରେ ଅସ୍ଥିରତା ଓ ହିଂସା ଜାରି ରହିଥିବାରୁ ସମଗ୍ର ଘଟଣା ପଛରେ କେବଳ ସଂରକ୍ଷଣ ପ୍ରସଙ୍ଗ ନା ଆଉ କିଛି କାରଣ ଥିଲା ତାହାର ଗନ୍ଧ ଧୀରେ ଧୀରେ ବାରି ହୋଇପଡୁଛି। ଏପରିକି ହସିନାଙ୍କ ସଂରକ୍ଷଣ ନିଷ୍ପତ୍ତି ବିରୋଧରେ ଓ ବୃହତ୍ତର ଯୁବବର୍ଗର ହିତରେ ରାୟ ଦେଇଥିବା ସେଠାକାର ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣର ଏବଂ ଢାକା ବିଶ୍ୱବିଦ୍ୟାଳୟର କୁଳପତି ଇତିମଧ୍ୟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇସାରିଛନ୍ତି। ତେଣୁ ସେଠାରେ ଯେ ସବୁକିଛି ଠିକ୍ ଚାଲିନାହିଁ, ଆଗକୁ ପରିସ୍ଥିତି ଆହୁରି ବିଗିଡ଼ି ପାରେ, ଆପାତତଃ ସେହି ଆଭାସ ମିଳୁଛି। କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି। କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ କେତେଦୂର ବାଂଲାଦେଶ ସମସ୍ୟାର ସମାଧାନ କରି ଏକ ସ୍ଥିର ଗଣତାନ୍ତ୍ରିକ ସରକାର ଗଠନ ଦିଗରେ ସଫଳ ହେବେ ତାହା ସନ୍ଦେହ ସୃଷ୍ଟି କରୁଛି। ଦେଶର ୬୪ଟିରୁ ୫୨ଟି ଜିଲ୍ଲାରେ ସଂଖ୍ୟାଲଘୁ ବିରୋଧୀ ହିଂସା ଓ ଦଙ୍ଗା ଘଟଣା ୨୦୫ରେ ପହଞ୍ଚିଛି। ତେଣୁ ଶାସନ ପ୍ରଶାସନରେ ଆଦୌ ଅଭିଜ୍ଞତା ନଥିବା ଜଣେ ଭଦ୍ରବ୍ୟକ୍ତି କିଭଳି ଆଇନ ଶୃଙ୍ଖଳା, ସାର୍ବଭୌମ, କୂଟନୀତି, ରାଜନୀତି ଆଦିକୁ ପରିଚାଳନା କରିବେ ତାହା ତାଙ୍କ ପାଇଁ କାଠିକର ପାଠ ହେବ। ଅର୍ଥନୀତିରେ ଧୂରୀଣ ୟୁନୁସ୍ ସେଠାକାର ବିପର୍ଯ୍ୟସ୍ତ ଅର୍ଥନୀତିକୁ ସଜାଡ଼ି ପାରିବାର ଆଶା ଓ ସମ୍ଭାବନା ରହିଛି। କିନ୍ତୁ ଜଣକ ପରେ ଜଣେ ଆନୁଷ୍ଠାନିକ ମୁଖ୍ୟ ଇସ୍ତଫା ଦେଉଥିବାରୁ ଗଣତାନ୍ତ୍ରିକ ଅନୁଷ୍ଠାନ ବ୍ୟବସ୍ଥା ଦୋହଲିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ୟୁନୁସ୍ ଅନେକ ସମସ୍ୟାର ସମ୍ମୁଖୀନ ହେବେ। ୟୁନୁସ୍‌ଙ୍କ ମତରେ ଏକ ଗଣତାନ୍ତ୍ରିକ ସରକାର ହିଁ ବାଂଲାଦେଶରେ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା କରିପାରିବ ଏବଂ ସଂଖ୍ୟାଲଘୁଙ୍କ ନିରାପତ୍ତା ନିଶ୍ଚିନ୍ତ ହୋଇପାରିବ। କିନ୍ତୁ ଗଣତନ୍ତ୍ରର ସ୍ତମ୍ଭ କୁହାଯାଉଥିବା ବିଧାନପାଳିକା ଭାଙ୍ଗିସାରିଛି; ନ୍ୟାୟପାଳିକା ସ୍ୱାଧୀନତା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି। ଏଭଳି ପରିସ୍ଥିତିରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ୟୁନୁସ୍ କରିଥିବା ଦୃଢ଼ୋକ୍ତି ରକ୍ଷା କରିବାରେ ସେ କେତେ ସଫଳ ହେବେ ତା'ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି ରହିଛି। ବିଶେଷକରି ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ତାଙ୍କ ପାଇଁ ମୁଖ୍ୟ ଆହ୍ୱାନ ହେବ। ଉଗ୍ର ଆନ୍ଦୋଳନ ଓ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ସେନା କାର୍ଯ୍ୟାନୁଷ୍ଠାନ ଜରିଆରେ ମାନବାଧିକାର ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ପ୍ରୋତ୍ସାହନରେ ଆସିପାରେ। ଏହି ଆହ୍ୱାନର ମୁକାବିଲା କରିବା ସହିତ ଭାରତର ମିତ୍ରତା, ଚୀନ୍‌ର କୁଦୃଷ୍ଟିରୁ ସୁରକ୍ଷା ଓ ଆମେରିକାକୁ ଅସନ୍ତୁଷ୍ଟ ନ କରିବା ଭଳି ରଣନୀତି ୟୁନୁସ୍‌ଙ୍କୁ ପ୍ରସ୍ତୁତ କରିବାକୁ ହେବ। ଏହା ଯେତିକି କଷ୍ଟକର, ତାଙ୍କ ପାଇଁ ତା'ଠାରୁ ଅଧିକ ବ୍ୟକ୍ତିଗତ ସମସ୍ୟା ହେଉଛି ଏହି ରଣନୀତି ନିର୍ଦ୍ଧାରଣରେ କାହାକୁ ବିଶ୍ୱାସକୁ ନେବେ? ହସିନାଙ୍କ ନିରଙ୍କୁଶ ଶାସନ ବଳୟରେ ଆଶ୍ରୟ ନେଇଥିବା ଅମଲାତାନ୍ତ୍ରିକ ଗୋଷ୍ଠୀର ପରାମର୍ଶ ମାନିଲେ ବିରୋଧୀ ପୁଣି ରକ୍ତମୁଖା ହେବାର ଆଶଙ୍କା ରହିଛି। ଯଦି ବିଏନ୍‌ପି ନେତ୍ରୀ ଖଲିଦା ଜିଆଙ୍କୁ ବିଶ୍ୱାସକୁ ନିଅନ୍ତି ବାଂଲାଦେଶ ଆମେରିକାର ଚକ୍ଷୁଶୂଳ ହେବ। ଛାତ୍ର ବିକ୍ଷୋଭ ପଛରେ ମୌଳବାଦୀ ଓ ବିଦେଶୀ ଶକ୍ତିର ହାତ ରହିଥିବା ପ୍ରମାଣିତ ହୋଇଛି। ତେଣୁ ସେମାନେ ବାଂଲାଦେଶରେ ଶାନ୍ତି ଓ ସ୍ଥିରତା ଚାହିଁବେ ନାହିଁ। ସେହିପରି ଆୱାମି ଲିଗ୍‌କୁ ପୁଣି ଥରେ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦିଆଯିବ କି ନାହିଁ, ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ ୨୦୦୪ରୁ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ବିଏନ୍‌ପି ନେତା ତାରିକ ରହମନ୍ ଏବଂ ୨୦୧୩ରୁ ନିଷିଦ୍ଧ ହୋଇଥିବା ଇସ୍‌ଲାମ ମୌଳବାଦୀ ରାଜନୈତିକ ଦଳ ଜମାତ୍ ଇ ଇସ୍‌ଲାମୀର ଭାଗ୍ୟ କ'ଣ ହେବ ସେ କଠୋର ନିଷ୍ପତ୍ତି ମଧ୍ୟ ୟୁନୁସ୍‌ଙ୍କୁ ନେବାକୁ ପଡ଼ିବ। ଛାତ୍ର ସଂଗଠନର ସୁପାରିସରେ ୟୁନୁସ୍‌ଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ତେଣୁ ସେମାନଙ୍କ ସ୍ୱାର୍ଥ ରକ୍ଷା ଓ ଦେଶର ସାମୂହିକ ସ୍ୱାର୍ଥ ରକ୍ଷା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ୟୁନୁସ୍‌ଙ୍କୁ ଅନେକ ବନ୍ଧୁର ପଥ ଦେଇ ଅତିକ୍ରମ କରିବାକୁ ପଡ଼ିବ। ସାମଗ୍ରିକ ଭାବେ ଦେଖିଲେ ୟୁନୁସ୍‌ଙ୍କ ପାଇଁ ବାଂଲଦେଶ ଭବିଷ୍ୟତର ସୁରକ୍ଷା ପାଇଁ ସେଭଳି ଏକ ସତରଞ୍ଜୀ କସରତ ଆରମ୍ଭ କରିଛନ୍ତି, ଯେଉଁଥିରେ ସେ ଏବେ ସେନାପତି ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କ ସପକ୍ଷର ଘୋଡ଼ା, ହାତୀ ଏବେ ନିସ୍ତେଜ। ତେଣୁ ରାଜା(ବାଂଲାଦେଶ)କୁ ଆଭ୍ୟନ୍ତରୀଣ ଓ ବାହ୍ୟ ଶତ୍ରୁକବଳରୁ ସୁରକ୍ଷିତ ରଖିବା ପାଇଁ ବୁଦ୍ଧିମାନ ୟୁନୁସ୍‌ଙ୍କୁ ଚାଲ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ବାଂଲାଦେଶ ପାଇଁ ଯେତେ ଜରୁରୀ ଭାରତ ପାଇଁ ତତୋଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ସେଠାରେ ଅସ୍ଥିରତା ଅତିକମରେ ଦୁଇତିନିମାସ ପର୍ଯ୍ୟନ୍ତ ଲାଗି ରହେ ତେବେ ଉତ୍ତର-ପୂର୍ବ ଭାରତ ସୀମାନ୍ତରେ ଉଗ୍ରବାଦୀ କାର୍ଯ୍ୟକଳାପ ଓ ଅନୁପ୍ରବେଶ ଘଟଣା ବଢ଼ିବ ବୋଲି ଯେଉଁ ଆଶଙ୍କା କରାଯାଉଥିଲା, ତାହାକୁ ଆହୁରି ସ୍ପଷ୍ଟ କରିଛନ୍ତି ଖୋଦ୍ ୟୁନୁସ୍।

# ବରିଷ୍ଠ ନାଗରିକଙ୍କ ଯତ୍ନ

## ଡକ୍ଟର ଲକ୍ଷ୍ମଣ ସାହୁ



ବ୍ରେକ୍ ମାରିବା ମାତ୍ରେ ଆଗ ସିଟ୍ ଉପରେ ବୃଦ୍ଧ ଜଣକ ଆଉଜି ପଡ଼ି ଥିଲେ। ଆଗ ସିଟ୍ ଥିଲା ବରିଷ୍ଠ ନାଗରିକଙ୍କ ଆସନ, ଷ୍ଟାଉଟ୍ ପାରାମାନେ ଅଯଥା ଉଦାସୀନତା ମଧ୍ୟରେ ବସିଥା'ନ୍ତି।? ଏହି ଯୁବକମାନେ ଘରେ ବୃଦ୍ଧ ପିତାମାତା ଓ ଜେଜେବାପାଙ୍କୁ ଏପରି ଅଭଦ୍ର, ନିର୍ଦ୍ଦୟ ଅବମାନନାରେ ଅଭ୍ୟସ୍ତ କି ନୁହେଁ ତାହା ସହଜରେ ଅନୁମେୟ କରିହୁଏ।

ଦେଶର 'ବରିଷ୍ଠ ନାଗରିକ' ଭଲ କାମ କରୁନାହାଁନ୍ତି। ଅନେକ ବ୍ୟକ୍ତି, ସମାଜ, ରାଜ୍ୟ, ପଡ଼ୋଶୀ ବୃଦ୍ଧମାନଙ୍କୁ ଉପଯୁକ୍ତ ମାନବୀୟ ଢଙ୍ଗରେ ଦେଖନ୍ତି ନାହିଁ। ଅବମାନନା, ଅପମାନ ହେଉଛି ଭାଗ୍ୟ। କିନ୍ତୁ ଏକଦା, ମିଳିତ ପରିବାରରେ, ବରିଷ୍ଠ ଗୁରୁଜନମାନେ ନୀତି ନିର୍ମାତାମାନଙ୍କ ମଧ୍ୟରୁ ଜଣେ ଥିଲେ ଓ ବହୁ କ୍ଷମତା ରଖିଥିଲେ। ସମୟ ବଦଳିଛି, ସେମାନେ ବର୍ତ୍ତମାନ ବଞ୍ଚିତ ହୋଇଛନ୍ତି। 'ବରିଷ୍ଠ ନାଗରିକ' ଏକ ସାମାଜିକ ନିର୍ମାଣ। ଜଣେ 'ସିନିୟର' ସମ୍ମାନିତ ହୁଏ ନାହିଁ, ବେଳେବେଳେ 'ନାଗରିକ' ମଧ୍ୟ ଗ୍ରହଣ କରାଯାଏ ନାହିଁ। ଯୋଗ୍ୟ ସାମାଜିକ ସ୍ଥିତି ଆସେ ନାହିଁ।

ସେମାନଙ୍କ ସଂଖ୍ୟା ଧୀରେ ଧୀରେ ଅତ୍ୟନ୍ତ ଚୁପଚାପ୍ ବଢ଼ୁଛି। ୨୦୨୩ ର 'ଇଣ୍ଡିଆ ଏଜିଂ ରିପୋର୍ଟ' ଅନୁଯାୟୀ, ଦେଶର ୧୪.୯ କୋଟି ଜନସଂଖ୍ୟାର ୬୦ ରୁ ଅଧିକ ଲୋକଙ୍କ ସଂଖ୍ୟା ପ୍ରାୟ ୧୦.୫ ଅଟେ। ୨୫ ବର୍ଷରେ ଏହି ସଂଖ୍ୟା ଦ୍ୱିଗୁଣିତ ହୋଇପାରେ। ବୃଦ୍ଧମାନଙ୍କ ମଧ୍ୟରେ ଅଶୀରୁ ଅଧିକ ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଜନସଂଖ୍ୟା ହେଉଛି ଦେଶର ଧନ, ସଂପଦ। କିନ୍ତୁ ଆମେ ଏହି ଉତ୍ସକୁ ସଠିକ୍ ଭାବରେ ସଂରକ୍ଷଣ କରିବାକୁ ଚେଷ୍ଟା କରୁ କି ? ବୟସ୍କମାନଙ୍କୁ ସ୍ୱାସ୍ଥ୍ୟ ସେବା, ଆର୍ଥିକ ସହାୟତା, ସାମାଜିକ ସମ୍ମାନ ଦିଆଯାଇପାରିବ କି ?

ଅନୁସନ୍ଧାନକାରୀଙ୍କ ମତାନୁଯାୟୀ, ଦେଶର ପ୍ରାୟ ୪୦ % ବୃଦ୍ଧ ଗରିବ ଶ୍ରେଣୀର ଅଟନ୍ତି। ପ୍ରାୟ ୧୯ % ନିଜ ରୋଜଗାର ବିନା ବଞ୍ଚନ୍ତି। ୭୧ % ବୃଦ୍ଧ ଗ୍ରାମବାସୀ। ଷାଠିଏ ଓ ଅଶୀ ଦଶକରେ ମହିଳାମାନଙ୍କର ଦୀର୍ଘାୟୁ ହେତୁ ବୃଦ୍ଧଙ୍କ ଜନସଂଖ୍ୟା ମହିଳା-ପ୍ରାଧାନ୍ୟ ବିସ୍ତାର କରନ୍ତି। ଏହି ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ଅଜ୍ଞ, ବିଧବା, ସର୍ବନିମ୍ନ ସଞ୍ଚୟ ସହିତ। ଫଳସ୍ୱରୂପ, ବିଭିନ୍ନ ଜାତି, ଶ୍ରେଣୀ, ଲିଙ୍ଗ ଭିତ୍ତିକ ଭେଦଭାବର ଶିକାର ହୋଇଥିଲେ।

ବରିଷ୍ଠ ନାଗରିକମାନଙ୍କ ସହରୀ ଅଭିଜିତ ମଧ୍ୟ ଭଲରେ ନାହାଁନ୍ତି। ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରେ। ଉପାନ୍ତ ତଥା ଗ୍ରାମାଞ୍ଚଳର ବୃଦ୍ଧମାନେ ପ୍ରାୟତଃ ସେହି ସୁଯୋଗରୁ ବଞ୍ଚିତ ହୁଅନ୍ତି। ବାସ୍ତବରେ ଦେଶର ଅଧିକାଂଶ ବୃଦ୍ଧଙ୍କ ନିଜ ପିଲାମାନଙ୍କଠାରୁ ଯତ୍ନ ଓ ସେବା ପାଇଥା'ନ୍ତି। ଆଜିକାଲି ପିଲାମାନେ ଉଚ୍ଚଶିକ୍ଷା ଓ ଚାକିରି ପାଇଁ ବିଦେଶ ଯିବାକୁ ବାଧ୍ୟ ହେଉଛନ୍ତି। ମିଳିତ ପରିବାର ପୂର୍ବରୁ ଭାଙ୍ଗି ଯାଇଥିଲା। ପରମାଣୁ ସଦ ପରିବାରର ଏକ ନୂତନ ପ୍ରକାରର ବିଖଣ୍ଡନ ମଧ୍ୟ ଘଟୁଛି। ବ୍ୟକ୍ତିଗତ ପରିବାରରେ 'ଶୋଇଥିବା' ବୃଦ୍ଧମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସର୍ବେକ୍ଷଣରୁ ଜଣାପଡିଛି ଯେ ଷାଠିଏ କିମ୍ବା ଷାଠିଏଟି ମଧ୍ୟରୁ ୭% ଏକାକୀ ରୁହନ୍ତି। ୭% ପିଲାମାନେ ରୋଷେଇ, କାନ୍ଦିବା, ଗପସପ ନକରି ଦିନ ବିତାନ୍ତି। ଏହା ଏକ ମଧ୍ୟବିତ୍ତ ପରିବାରର କାହାଣୀ ନିମ୍ନ ବର୍ଗମାନେ ବଞ୍ଚିବା ପାଇଁ ସଂଘର୍ଷ କରନ୍ତି। ଖାଦ୍ୟ, ପୁଷ୍ଟିକର ଖାଦ୍ୟ, ସେହି ପରିବାରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ଏକ ଅବିସ୍ମରଣୀୟ ଆର୍ଥିକ ବୋଝ ନୁହେଁ। ଫଳସ୍ୱରୂପ, ବୃଦ୍ଧମାନଙ୍କ ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନା ବୃଦ୍ଧି ପାଇଲା ହେଲ୍ପଜେ ଇଣ୍ଡିଆ କହିଛି ଯେ ଦେଶର ୨୫% ବୃଦ୍ଧ ପରିବାରରେ ଦୁର୍ବ୍ୟବହାର କରୁଛନ୍ତି।

ବରିଷ୍ଠମାନଙ୍କ ପ୍ରତି ନିର୍ଯାତନା ଓ ଅତ୍ୟାଚାର କେବଳ ଘରେ ସୀମିତ ନୁହେଁ। ବାହାରେ ବୃଦ୍ଧମାନେ ପ୍ରାୟତଃ ସମ୍ମାନର ସହିତ ବୁଲିବାକୁ ଅସମର୍ଥ ହୁଅନ୍ତି। ସେମାନଙ୍କ ଉପରେ ଖରାପ ମନ୍ତବ୍ୟ ଆସେ। ଆମ ଦେଶର ସଂସ୍କୃତିରେ ନିଜକୁ ନିବିଡ଼ ଭାବେ ଜଡ଼ିତ ହେବାପାଇଁ ସେଭଳି କୌଣସି ଏକ ସ୍ଥାନ କିମ୍ବା ପରିସର ସୃଷ୍ଟି କରିବାର ଧାରଣା ନାହିଁ। କହିରଖେ ପାଶ୍ଚାତ୍ୟ ଦେଶରେ କାହାଣୀ ଭିନ୍ନ ଅଟେ। ଶିଳ୍ପ ବିପ୍ଳବର ଯୁଗ ପରଠାରୁ ଅନେକ ଅବସରପ୍ରାପ୍ତ କର୍ମଚାରୀ ସହର ଛାଡି ଗାଁକୁ ଯାଇ ଜମି ଓ ଚାଷ ଜମିକୁ ଯାଇଥିଲେ। ଅବସର ପରେ ମଧ୍ୟ ଜୀବିକା ନିର୍ବାହ ପାଇଁ ରାସ୍ତା ଖୋଲା ଅଛି।

କିନ୍ତୁ ଭାରତରେ ସିନିୟରମାନେ ଅର୍ଥାତ୍ ସେମାନେ ଗାଁ ମଫସଲ ଛାଡି ପ୍ରୋଭିଡେଣ୍ଟ ପାଣ୍ଠିରୁ ସହରକୁ ଆସିବାକୁ ଚେଷ୍ଟା କରିଥିଲେ। କହିବା ବାହୁଲ୍ୟ ଆମ ଦେଶରେ ନାଗରିକ ଉତ୍ତେଜନା ବହୁତ ଅଧିକ। ଯଦି ଆପଣ ଅସୁବିଧାରେ ପଡ଼ନ୍ତି, ସଞ୍ଚୟ ଅର୍ଥ ଶେଷ ହୋଇଯାଏ ବା ବିପଦ ସମୟରେ ପିଲାମାନଙ୍କ ନିକଟକୁ ଯିବାକୁ ପଡିବ। ପାଶ୍ଚାତ୍ୟରେ ସତୁରି ବର୍ଷର ଲୋକମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଅଟନ୍ତି। ଶରୀର ଅପେକ୍ଷା ଅଧିକ ଦକ୍ଷ ଅଟନ୍ତି। ସେମାନେ କାର ଓ ସାଇକେଲ ଯୋଗେ ବୁଲନ୍ତି। ସେମାନଙ୍କ ପାଇଁ ଶେଷ ସପ୍ତାହ ମଧ୍ୟ ଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ ଅଟେ। ମୂଳତଃ ,, ସେମାନେ ଅନ୍ୟମାନଙ୍କ ପାଇଁ ବୋଝ ହେବାକୁ କେବେ ଚାହାଁନ୍ତି ନାହିଁ। ଏହାର ଏକ ଅଂଶ ଆର୍ଥିକ ସ୍ୱାଧୀନତା ଉପରେ ନିର୍ଭର କରେ। କିନ୍ତୁ ବାକି ମାନସିକତାର ଏକ ଭିନ୍ନତା ଦେଖିବାକୁ ମିଳେ।

କିନ୍ତୁ ଆମ ଦେଶର ଅନେକ ଲୋକଙ୍କ ପାଇଁ ବୃଦ୍ଧାବସ୍ଥାର ଅର୍ଥ ହେଉଛି କ୍ଷତିର ଶୀଘ୍ର। କେହି ଜଣେ ସ୍ୱାମୀ କିମ୍ବା ସ୍ତ୍ରୀ ହରାଇଛନ୍ତି, କେହି ସନ୍ତାନ ହରାଇଛନ୍ତି। ଦୀର୍ଘମିଆଦୀ ସାଥୀ ହରାଇବାର ଆଘାତ ହେଉଛି ପୁରୁଣା ଜୀବନର ଏକ ଅପୂରଣୀୟ ହଲମାର୍କ। ଯେ ସ୍ପର୍ଶ ଭାବନାରୁ ବଞ୍ଚିତ, ଯନ୍ତ୍ରଣାଦାୟକ ଶୂନ୍ୟତା ଓ ଏକାକୀତା ଗଭୀର ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ କରିଛି ଯେ ଛଅ ବର୍ଷ ମଧ୍ୟରେ ବିଶ୍ୱର ୬ ଜଣଙ୍କ ମଧ୍ୟରୁ ଜଣେ ୬୦ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି ବଞ୍ଚିତ ହେବ। ଏକୁଟିଆ, ସାମାଜିକ ବିଚ୍ଛିନ୍ନତା କାରଣରୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଖରାପ ହେବ। ୬ ଜଣ ବୟସ୍କଙ୍କ ମଧ୍ୟରୁ ଜଣେ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ଦ୍ୱାରା ଦୁର୍ବ୍ୟବହାର ହୋଇପାରେ। ୬୦ ବର୍ଷରୁ ଅଧିକ ବୟସ୍କଙ୍କ ଅତିକମରେ ୧୪ % ମାନସିକ ବିକୃତି ସହିତ ବଞ୍ଚିବେ।

ଯେଉଁମାନଙ୍କର ପରିବାର ଅଛି, ଯେଉଁମାନେ କଠିନ ପରିଶ୍ରମ ଓ ଦକ୍ଷତା ତଥା ପ୍ରତିଭା ବଳରେ ଏକ ପରିବାର ଗଠନ କରିଛନ୍ତି। ସେମାନେ ଅବସର ନେଲେ ଟିକେ ସେବା ଓ ସମ୍ମାନ ପାଇବେ କି ନାହିଁ କହିହେବ ନାହିଁ ? ଏବଂ ଯେଉଁମାନେ ପରିବାର ବିନା, ଏକାକୀ, ସେମାନଙ୍କର ଯତ୍ନ ନେବେ - ସମାଜ ଓ ପ୍ରଶାସନ ବ୍ୟତୀତ ସାମାଜିକ କର୍ମୀ ବା ଜରାଶ୍ରମ। ସେମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବୃତ୍ତିଗତ ଡାକ୍ତର, ଫିଜିଓଥେରାପିଷ୍ଟ, ନର୍ସମାନେ କେବେ ରହିବେ ପ୍ରଶ୍ନବାଚୀ ଉଠିଛି ? ଏକ ସୁସ୍ଥ ସମାଜ କେବଳ ଶକ୍ତିଶାଳୀ ନାଗରିକଙ୍କ ବିଷୟରେ ଚିନ୍ତା କରେ ନାହିଁ। ବରଂ ଦୁର୍ବଳ ଓ ଅଣ-ଶକ୍ତିଶାଳୀ ଲୋକଙ୍କୁ କିପରି ଭଲ ଭାବରେ ରଖାଯାଏ ସେ ବିଷୟରେ ଚିନ୍ତା କରେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ।

ସୁସ୍ଥତାର ଅନ୍ୟ ଏକ ଉପାଦାନ ହେଉଛି ସମ୍ବେଦନଶୀଳତା। ବରିଷ୍ଠ ନାଗରିକ ପାଇଁ ଏହାହିଁ ହେଉଛି ଆଜିକାଲି ସମୟର ଆଶାର ଆଶ୍ୱାସନା। ଏହି ଆଶ୍ୱାସନା ରେ ସେମାନଙ୍କ ବାସୋପଯୋଗୀ ସ୍ଥାନ, ଖାଦ୍ୟ ପେୟ, ଔଷଧ ବରାବର ଯୋଗାଇ ଦେବା ହେଉଛି ସରକାରଙ୍କ କାର୍ଯ୍ୟ। ଜୀବନର ଶେଷ ଯାତ୍ରା ସୁଖମୟ ହେଉ...!!!

ତାରା ନିଳୟ , ପ୍ଲଟ: ୮୫୪/ଏ
ଚାଟେରା ଶବରସାହି, ମୁକୁନ୍ଦ
ପ୍ରସାଦ, ଖୋର୍ଦ୍ଧା -୫୫
ମୋ: ୯୦୪୦ ୧୫୧୪୭୫

# ଭାରତକୁ ଭଲ ପାଉଥିବା ଇଂରେଜ

## ବିପିନ ବିହାରୀ ରାଉତ



ବିଶ୍ୱ ପ୍ରସିଦ୍ଧ ଶିଶୁସାହିତ୍ୟିକ ରସ୍କିନ୍ ବଣ୍ଡଙ୍କୁ କିଏ ନଜାଣନ୍ତି। ଜନ୍ମ ପରାଧୀନ ଭାରତରେ କିନ୍ତୁ ବାପା ମାଆ ବ୍ରିଟିଶ। ବାପା ବ୍ରିଟିଶ ସେନାରେ କାମ କରୁଥିଲେ ତେବେ ରସ୍କିନ୍‌ଙ୍କୁ ମାତ୍ର ବାରବର୍ଷ ବୟସ ହୋଇଥିବାବେଳେ ଦେଶ ସ୍ୱାଧୀନତା ପାଇଲା। ସ୍ୱାଧୀନତା ପରେ ନିଜ ଦେଶକୁ ଫେରିଯାଇଥିଲେ ବି ଏକ ବହି ପ୍ରକାଶନ ବାବଦରେ ପାଇଥିବା ପଚାଶ ପାଉଣ୍ଡ ଧରି ଜଳପଥରେ ବ୍ରିଟେନ୍‌ରୁ ଫେରିଥିଲେ ମୁମ୍ବାଇ। ଆଉ ସବୁଦିନ ପାଇଁ ଏଇଠି ହିଁ ସେ ରହିଗଲେ। ଉତ୍ତରାଖଣ୍ଡର ମସୋରୀରେ ନିଜ ପୋଷ୍ୟ ପରିବାର ସହ ରହୁଥିବା ରସ୍କିନ୍ କୁହନ୍ତି ବିଶାଳକାୟ ଭାରତ ଦେଶରେ ଅନେକ ବଦଳି ଥିଲେ ବି ଜ୍ଞାନ ଓ ସୂଚନାର ପରିସୀମା ବଢ଼ିଛି। ସେ ଭାରତବର୍ଷର ମହାନ୍ ଆତିଥ୍ୟତା ସମ୍ପର୍କରେ ଉଲ୍ଲେଖ କରି କହନ୍ତି ଯେ ଯେକୌଣସି ସମୟରେ ଯେ କେହି ଆପଣଙ୍କର ଅତିଥି ହୋଇପାରନ୍ତି ଆଉ ଆପଣଙ୍କୁ ଅତିଥି କରିନେଇପାରନ୍ତି। କିନ୍ତୁ ୟୁରୋପୀୟ ଦେଶମାନଙ୍କରେ ଜୀବନ ଖୁବ୍ ଏକାକୀ।

ବ୍ରିଟିଶ ବ୍ରଡ଼କାଷ୍ଟିଂ କର୍ପୋରେସନର ସମ୍ବାଦଦାତା ଭାବରେ ଭାରତରେ ଅବସ୍ଥାପିତ ହୋଇଥିବା ସାର୍ ମାର୍କଟୁଲିଙ୍କ ଦୀର୍ଘ ଜୀବନ ବିତିଯାଇଛି ବିବିସିରେ। ଆନ୍ତର୍ଜାତିକ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ଭୋପାଳ ଗ୍ୟାସ ଟ୍ରାଜେଡି ଠାରୁ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡ, ପଞ୍ଜାବର ଅପରେସନ ବ୍ଲୁଷ୍ଟାର, ଦିଲ୍ଲୀରେ ଶିଖ୍ ବିରୋଧୀ ଦଙ୍ଗା, ବାବରୀ ମସ୍‌ଜିଦ୍ ଭଙ୍ଗା ଘଟଣାର ପ୍ରତ୍ୟକ୍ଷଦର୍ଶୀ ସମ୍ବାଦ ସେ ପରିବେଷଣ କରିଛନ୍ତି। ୧୯୯୪ରେ ବିବିସିରୁ ଅବସର ନେଇଥିଲେ ବି ସେ କିନ୍ତୁ ଭାରତର ମୋହରେ ପଡ଼ି ଏହିଠାରେ ହିଁ ଅବଶିଷ୍ଟ ଜୀବନ ବିତାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ତାଙ୍କ କହିବା କଥା ଇଂରେଜମାନଙ୍କ ଯୋଗୁଁ ଭାରତୀୟମାନେ ଇଂରାଜୀରେ ଦକ୍ଷ ହୋଇଥିଲେ ବି ଇଂରାଜୀ ପାଇଁ ନିଜ ଭାଷାକୁ ସେମାନେ ଅଣଦେଖା କଲେ। ଗତ କୋଡ଼ିଏ ବର୍ଷ ଭିତରେ ଭାରତ ଅନେକ ବଦଳି ଥିଲେ ବି ସେ ଦୃଷ୍ଟିକୋଣରେ ରୋଜଗାର ଓ ଅବସର ବି ବଢ଼ିଛି। ଭାରତରେ ସେ କେବେ ବି ଭେଦଭାବର ଶିକାର ହୋଇନାହାନ୍ତି ବରଂ ଏହି ବିଶାଳକାୟ ଭୂଖଣ୍ଡ ତାଙ୍କୁ ଅଜସ୍ର ଖ୍ୟାତି, ପ୍ରତିଷ୍ଠା ଓ ଐଶ୍ୱର୍ଗିକ ଆନନ୍ଦ ଦେଇଛି।

୧୯୬୬ରେ ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ କାର୍ଯ୍ୟକ୍ରମ ଦେଖି ଯେଉଁ କିଶୋର ଜଣକ ଭାରତର ନିକଟତର ହୋଇ ଏହି ଦେଶକୁ ଆସିଥିଲେ ସେ ହେଉଛନ୍ତି ବେରି ଜନ୍। ପ୍ରଥମେ ବାଙ୍ଗାଲୁରୁର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଲିଶରେ ପଢ଼ାଇବା ସହ ଅଲ୍‌ଇଣ୍ଡିଆ ରେଡ଼ିଓରେ ସମ୍ପୃକ୍ତ ରହି ପ୍ରାରମ୍ଭିକ କିଛି ବର୍ଷ ଦିଲ୍ଲୀ ଓ ପରେ ମୁମ୍ବାଇରେ ରହୁଥିବା ବେରିଜନ୍ ଭାରତ ବର୍ଷର ବିବିଧତା ସମ୍ପର୍କରେ କୁହନ୍ତି ସ୍ୱାଧୀନତାର ସ୍ୱାଦ ନୂଆକରି ପରଖୁଥିବା ଭାରତ ବିଶ୍ୱର ଅନ୍ୟତମ ବୃହତ୍ ଆର୍ଥିକ ଶକ୍ତି ପାଲଟିଛି। ଭାରତ ପରି ଅନେକତାରେ ଏକତା ଆଉ କେଉଁଠି ଦେଖିନାହାଁନ୍ତି ବୋଲି ସେ କହିବା ସହ ଏହି ଦେଶର ଭାଷା ଓ ସଂସ୍କୃତି ତାଙ୍କୁ ନୂଆ ଜୀବନ ଦେଇଛି ବୋଲି ସେ କୃତଜ୍ଞତାର କଣ୍ଠରେ ସ୍ୱୀକାର କରନ୍ତି।

ବାୟୋକନ୍ ଲିମିଟେଡ୍‌ର ଭାଇସ୍ ଚେୟାରମ୍ୟାନ ଜନ୍'ଶ କୋଡିଏ ବର୍ଷ ପୂର୍ବେ ଭାରତ ଆସିଥିଲେ। ଏହିଠାରେ ହିଁ ସଂସାର ଓ ସାରା ଜୀବନ ରହିବାର ନିଷ୍ପତ୍ତି ସେ ନେଇଥିଲେ। ଆର୍ଥିକ ଉଦାରୀକରଣ ଯୋଗୁଁ ଏବେ ବିଦେଶୀମାନେ ଭାରତରେ ରହିବା ସହଜ ହୋଇଛି ବୋଲି ମତ ଦେବା ସହ ଭାରତୀୟ ମାନଙ୍କ ବନ୍ଧୁତ୍ୱ ଓ ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରିବାର ଉତ୍ସାହ ତାଙ୍କୁ ପ୍ରେରଣା ଯୋଗାଇଛି। ରଙ୍ଗ ବା ଜନ୍ମ ନେଇ କୌଣସି ଭେଦଭାବର ଶିକାର ହୋଇନାହାଁନ୍ତି। ଭାରତୀୟ ଆଧ୍ୟାତ୍ମିକତା, ଦର୍ଶନ ଓ ସଂସ୍କୃତିର ଗଭୀର ଅନୁରାଗୀ ଜନ୍'ଶ ବିଦେଶରେ ଏହାର ପ୍ରଚାର ଓ ପ୍ରସାର ପାଇଁ ଅନେକ ନିଷ୍ଠାପର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଗିଲିୟନ୍ ରାଇଟ୍ ହେଉଛନ୍ତି ହିନ୍ଦୀ ଓ ଉର୍ଦ୍ଦୁ ଭାଷାକୁ ଭଲ ପାଉଥିବା ଜଣେ ଇଂରେଜ। ଇଂଲଣ୍ଡ ୟୁନିଭରସିଟିରେ ପଢୁଥିବା ସମୟରେ ଏହି ଦୁଇଟି ଭାଷା ପ୍ରତି ତାଙ୍କର ଆକର୍ଷଣ ଭାରତକୁ ଟାଣି ଆଣିଥିଲା ୧୯୭୭ରେ ଭାରତ ଆସି ହିନ୍ଦୀ ଓ ଉର୍ଦ୍ଦୁ ଭାଷାର ପ୍ରମୁଖ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିଥିଲେ। ସବୁଠାରୁ ବଡ଼କଥା ହେଉଛି ତାଙ୍କର ଅନୁବାଦିତ ଇଂରାଜୀ ଉପନ୍ୟାସ ଗୁଡ଼ିକ ବିଦେଶରେ ବେଷ୍ଟ ସେଲର ପୁରସ୍କାର ପାଇଥିଲା। ଯାହାଦ୍ୱାରା ଭାରତୀୟ ସୃଜନ ସଂସ୍କୃତି ବିଦେଶରେ ବହୁଳ ପ୍ରସାର ଲାଭ କରି ପାଠକୀୟ ଆଦୃତି ମଧ୍ୟ ପାଇଥିଲା।

ଆଲ୍‌ବେନିଆରେ ଜନ୍ମିତା ରୋମାନ୍ କ୍ୟାଥଲିକ୍ ମଦର ଟେରେସାଙ୍କୁ ସମଗ୍ର ବିଶ୍ୱ ଜାଣେ। ଗରିବଙ୍କ ଭିତରେ ଭଗବାନଙ୍କୁ ଅନୁଭବ କରି ସେମାନଙ୍କ ସେବା ପାଇଁ ସେ ଭାରତରେ ପାଦ ଦେଇଥିଲେ। ଆଜି ସାରା ବିଶ୍ୱର ୧୬୦ରୁ ଅଧିକ ଦେଶରେ ତାଙ୍କ ଅନୁଷ୍ଠାନ କାର୍ଯ୍ୟରତ। ପ୍ରଥମ ଭାରତୀୟ ଭାବରେ ସେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ।

ବ୍ରିଟେନ୍ ଜନ୍ମିତ ଲରି ବେକ୍‌ର ନିଜ ଦେଶର ଟେକ୍ନୋଲୋଜିର ବିକାଶକୁ ନେଇ ଗର୍ବ କରୁଥିବାବେଳେ ସଂସ୍କୃତି ବିଭବପୂର୍ଣ୍ଣ ଭାରତରେ ସେ ପାଦ ଦେଇ ଏହାର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ନିଜ ଜୀବନର ସଞ୍ଚିତ ଅନେକ ଅର୍ଥ ଏହି ପ୍ରଯୁକ୍ତି ବିଦ୍ୟାର ସଫଳତା ପାଇଁ ସେ ଅକାତରରେ ଖର୍ଚ୍ଚ କରିଛନ୍ତି। ଗ୍ରାମୀଣ ଭାରତର ଅନେକ ଅଗମ୍ୟ ସ୍ଥାନରେ ସେ ନିଜ ହାତରୁ ପଇସା ଖର୍ଚ୍ଚ କରି ପ୍ରତିଷ୍ଠା କରିଛନ୍ତି ଟେକ୍ନୋଲୋଜି ଗ୍ରାମ। ୧୯୦୭ରେ ଜନ୍ମିତ ବେକ୍‌ର ୧୦୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ।

ଭାରତୀୟ ରଙ୍ଗମଞ୍ଚ ଓ ବଲିଉଡ ସିନେମାର ଜଣାଶୁଣା ଅଭିନେତା ଟମ୍ ଆଲଟର୍ର ବେଶ ପରିଚିତ। ଏହି ଆମେରିକୀୟ ଜଣଙ୍କ ବର୍ତ୍ତମାନ ଉତ୍ତରାଖଣ୍ଡରେ ସ୍ଥାୟୀ ଭାବେ ରହୁଛନ୍ତି। ଭାରତୀୟ ରଙ୍ଗମଞ୍ଚ ଓ ପୁରୁଣା କଥାବସ୍ତୁର ଚଳଚ୍ଚିତ୍ରର ପ୍ରସାର ସେ ବିଦେଶରେ କରି ଏହି ଦେଶର ରଙ୍ଗମଞ୍ଚର ସଂସ୍କୃତିର ସେ ଜଣେ ଯଥାର୍ଥ ପୂଜାରୀ ଭାବେ ପ୍ରତିପାଦିତ କରିଛନ୍ତି।

ଏସ୍‌ଏସ୍‌ଲି ହେଉଛନ୍ତି ଚୀନ୍ ବଂଶୋଦ୍ଭବ। ଏହି ଖେଳାଳୀ ଭାରତରେ ସ୍ଥାୟୀ ବସବାସ କରି ଦିଲ୍ଲୀ ରଣଜୀ କ୍ରିକେଟ୍ ଟିମ୍ ପକ୍ଷରୁ ବର୍ଷ ବର୍ଷ ଧରି ଖେଳି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ବର୍ତ୍ତମାନ ସେ ସେଣ୍ଟର ଓ୍ୱେର ହାଉସିଂ କର୍ପୋରେସନର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଜଣେ ଚୀନ୍ ଜନ୍ମିତ ଭାବେ ନୁହେଁ ବରଂ ଜଣେ ଭାରତୀୟ ଭାବେ ସେ ଗର୍ବିତ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଆମେରିକୀୟ ବଂଶୋଦ୍ଭବ ଜୋସେଫ୍ ଏଲଏନ୍ ଷ୍ଟିମ୍ ଭାରତର ବିଖ୍ୟାତ ସ୍ଥପତି ଭାବେ ପରିଚିତ। ଜଣେ ଆମେରିକାନ୍ ହୋଇବି ଭାରତର ମୋହରେ ପଡ଼ି ନିଜ ଭିଟାମାଟିକୁ ପଛ କରି ସେ ପାଦ ଦେଇଥିଲେ ମୁମ୍ବାଇରେ। ଏହିଠାରେ ନିଜର ସମସ୍ତ ଜୀବନ ଅତିବାହିତ କରି ଭାରତର ଅନେକ ସ୍ଥାପତ୍ୟ କଳାର ସେ ଜଣେ କୁଶଳୀ ସ୍ଥାପତି ଭାବେ ବେଶ୍ ପ୍ରତିଷ୍ଠିତ ଓ ଆଦରଣୀୟ। ୨୦୦୫ରେ ତାଙ୍କର ଦେହାବସାନ ଘଟିଥିଲା।

ବେଲଜିୟମ୍ ଜନ୍ମିତ ଅର୍ଥଶାସ୍ତ୍ରୀ ଭାବେ ଜିନ୍ ଡେଜେ୍ ନିଜ କର୍ମଭୂମି ଭାବେ ବାଛି ଥିଲେ ଭାରତକୁ। ଭାରତର ପ୍ରତିଷ୍ଠିତ ଦିଲ୍ଲୀ ସ୍କୁଲ ଅଫ୍ ଇକ୍ନୋମିକସ୍‌ରେ ଅନେକ ବର୍ଷ ଧରି ଅଧ୍ୟାପନା ଦାୟିତ୍ୱ ଭିତରେ ସେ ଭାରତର ପ୍ରତିଷ୍ଠିତ ଅର୍ଥବିତ୍ ମାନଙ୍କୁ ସେ ହିଁ ସୃଷ୍ଟି କରିଥିଲେ। ଦେଶର ଗରିବ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ମନରେଗା କାର୍ଯ୍ୟକ୍ରମର ସେ ହେଉଛନ୍ତି ଜନକ।

ଓଡ଼ିଶୀ ନୃତ୍ୟର ପ୍ରେମରେ ପଡ଼ି ଯେଉଁ ଆମେରିକୀୟ କଳାଛାତ୍ରୀ ୧୯୭୩ରେ ପରିବାରର କଥା ନମାନି ଭାରତରେ ପାଦ ଦେଇଥିଲେ ସେ ହେଉଛନ୍ତି ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ସାରୋନ ଲୋଏନ୍। ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ନୃତ୍ୟ ଶିଖି ଭାରତରେ ରହିଯାଇ ବର୍ତ୍ତମାନ ବିଶ୍ୱର କୋଣଅନୁକୋଣରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରୁଛନ୍ତି।

ଚୀନ୍ ବଂଶୋଦ୍ଭବ ଜୋସେଫ୍ କକ୍ ଜଣେ ଚାଇନା ହୋଇମଧ୍ୟ ଭାରତୀୟ ଭାବେ ନିଜକୁ ଗୌରବ ଅନୁଭବ କରନ୍ତି। ୧୯୮୨ରେ ଏସିଆନ୍ ଗେମରେ ସେ ଓ୍ୱାଟର ପୋଲରେ ଭାରତର ପ୍ରତିନିଧିତ୍ୱ କରି ଗୌରବ ପ୍ରାପ୍ତି ହୋଇଥିଲେ। କେବଳ ସେତିକି ନୁହେଁ ଅନେକ ସମାଜ ସେବୀ ସଂଗଠନ ପାଇଁ କାର୍ଯ୍ୟ କରିବା ସହ ଭାରତୀୟ କ୍ରୀଡ଼ା ଉପରେ ସେ ଅନେକ ଉପାଦେୟ ପୁସ୍ତକ ରଚନା କରି ଭାରତର ସୃଜନଶୀଳତାକୁ ବୃଦ୍ଧି କରିବାରେ ସମର୍ଥ ହୋଇଛନ୍ତି।

ଯୁଗ୍ମ-କାର୍ଯ୍ୟନିର୍ବାହୀ ଅଧିକାରୀ,
ଓରମାସ, ଭୁବନେଶ୍ୱର,
ମୋ: ୯୪୩୭୬୬୬୪୫୩




## ଧାରା ଶିରାବଣ ମାସ

### ଜଗଦୀଶ ସାହୁ



ବରଷା ରାଣୀଗୋ ତୁମ ଆଗମନେ
ହସିଲା ପୋଖରୀ କୂଅ
ଶୁଖିଲା ନଈରେ ଦୁଇ କୂଳ ଖାଇ
ବହିଗଲା ପାଣି ସୁଅ ।
ଜଳ ଚରିଗଲା ଚାଷକ୍ଷେତ ମାଳ
ବୁଡ଼ିଲା ପଡ଼ିଆ ଘାସ
ଏସବୁ ଲକ୍ଷଣ ଦେଖି ଜାଣି ହୁଏ
ଧାରା ଶିରାବଣ ମାସ ।
ଆଖିଯାଏ ଯେଣେ ଦିଶୁଥାଏ ଧରା
ସୁନ୍ଦର ସବୁଜ ମୟ
ପାଣିଭାର ବୋହି କାଉଡିଆ ଚାଲେ
ଶିବ ପାଦେ ରଖି ଲୟ ।
ଶ୍ରାବଣ ପୁନେଇଁ ଭାଇ ଭଉଣୀର
ଅତି ଶୁଭ ଦିନଟିଏ
ଭଉଣୀ ହାତରୁ ରାକ୍ଷୀ ବାନ୍ଧି ଭାଇ
ସୁରକ୍ଷାର ବାର୍ତ୍ତା ଦିଏ ।
ବଳଭଦ୍ର ଜନ୍ମ ହୁଅଇ ପାଳନ
ପୂଣ୍ୟ ଧାମ ଶ୍ରୀକ୍ଷେତ୍ରରେ
ହିନ୍ଦୁ ସମାଜରେ ଗୋରୁ ଗାଈଙ୍କର
ପୂଜା ହୁଏ ଘରେ ଘରେ ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଅନୁଭୂତି ଓ ଅଭିଜ୍ଞତା

### ନିରଞ୍ଜନ ସାହୁ



ଜୀବନର ଅର୍ଥ ବୁଝିବା ବେଳକୁ
ସମୟ ଯାଇଛି ବିତି
ଅନୁଭୂତି ଜ୍ଞାନ ଅରଜିଲି ସିନା
ପାଳି ପାରିଲିନି ନୀତି ।

ଜୀବନକୁ ଯେତେ ଭୋଗ କରିଛି ମୁଁ
ତ୍ୟାଗ ତାହାଠାରୁ ବେଶୀ
ସ୍ୱାର୍ଥହୀନ ବୋଲି ସ୍ୱାର୍ଥପର ଲୋକେ
ହୁଅନ୍ତି ମୋ ସାଥେ ମେସି
ଜଗତ ଜନଙ୍କୁ ଚିହ୍ନିବା ବେଳକୁ
ସେମାନେ ଗଲେଣି ଜିତି ।

ଭାଗ୍ୟ ନିକଟରେ ପରୀକ୍ଷା ଦେଇ ମୁଁ
ଜୀବନେ ଯାଇଛି ହାରି
ଉତ୍ତୀର୍ଣ୍ଣ ହୋଇ ବି ଅସଫଳ ମୁହିଁ
ସାଜିଛି ଅଦରକାରୀ
ଏକାନ୍ତରେ ବସି ଭାଗ୍ୟକୁ ଧିକ୍କାରି
ଗାଏ ମୁଁ ବିଜୟଗୀତି ।

ଅଭିଜ୍ଞତା ଯାହା ପ୍ରୟୋଗ ବେଳକୁ
ଆୟୁଷ ଗଲାଣି ସରି
ବଞ୍ଚିଛି କେବଳ ମୃତ୍ୟୁ ଅପେକ୍ଷାରେ
ବଞ୍ଚି ବି ଯାଇଛି ମରି
ସରଳ ହୋଇ ମୁଁ ଠକି ଯାଇଅଛି
ମରିଲେ ଭୁଲିବ କ୍ଷିତି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଜୀବନହାଟ

### ବିନୟ କୁମାର ମିଶ୍ର

ଜୀବନ ହାଟରେ ବୁଲିବାକୁ ଯାଇ
ଆସିଥିଲି ଦେଖି ବୁଲି,
ଅଣ୍ଟାରେ ପଇସା ନଥାଇ ସଉଦା
କିଣିବାକୁ ମନ କଲି,
ହିନସ୍ତାରେ ସଢ଼ୀ ଗଲି,
ଗୋଟାଏ କାମକୁ କରିବାକୁ ଯାଇ
ଆଉ ଗୋଟେ କାମ କଲି।

ଜୀବନ ହାଟରେ ନିର୍ଜୀବ ଦରବ
ମିଛ ମାୟା ମୋହ ଲୋଭ,
ଈର୍ଷା ଦ୍ୱେଷ ହିଂସା କୁଟ କପଟତା
ବିକିଲେ ମିଳଇ ଲାଭ,
ଖାଲି ବୁଲି ଆସିଥିଲେ,
ଭଲ ହୋଇଥାନ୍ତା କିଣି ନ ଥିଲେ ମୁଁ
ବଞ୍ଚି ଥାନ୍ତି ଅବା ଭଲେ।

ଲୁଣିଆ ସମୁଦ୍ର ମଝିରେ ଥାଇ ଯା
ମଧୁର ଜଳ ଖୋଜିଲି,
କେଉଁଠୁ ପାଇବି କିଏ ଅବା ଦେବ
ମିଛରେ ପାଗଳ ହେଲି,
ଭଲ ବୁଲିବାକୁ ଗଲି,
ଆଘାତ ଦେଇଛି ପ୍ରତିଘାତ ଯାହା
କିଣିବା କଥା କିଣିଲି।

ବୁଲିବା ଦେଖିବା ବେଳେ ଜୀବନକୁ
ଯେବେ ଭଲ ପାଇଗଲି,
ସଉଦା କରିବା ମନ ମୋର ହେଲା
ଶୂନ୍ୟ କଟି ଦରାଣ୍ଡିଲି,
କପର୍ଦ୍ଦକ୍ ଶୂନ୍ୟ ଥିଲି,
ଏଣୁ ହସ ବିନା ଲୁହର ସଉଦା
ସାଧ ମତେ ମୁଣ୍ଡାଇଲି।

ସରି ଆସିଲାଣି ହାଟ କରିବାର
ବେଳ ହେଲା ରତ ରତ,
ଅବଶ ହେଲାଣି ମାଟିର ଦେହଟା
ଥରିଲାଣି ଗୋଡ ହାତ,
ମଶାଣି ବା କେତେ ବାଟ,
ଦିନ ଗଣୁ ଗଣୁ ଜୀବନ ନଉକା
ଛାଡ଼ିବ ପରା ଏ ଘାଟ।

ପାହୁଲାଏ ନାହିଁ ଡଙ୍ଗା ମୂଲ ପାଇଁ
ନାଉରୀ କି ଦେବି କିସ,
ପାରି କରିବ କି ନ କରିବ ସିଏ
ନାହିଁ ମୋ ମନେ ବିଶ୍ୱାସ,
ମୂଢ କି କଲି କି କଲି,
ଗର୍ବ ଦମ୍ଭ ଅହଙ୍କାର ଧନ ଜନେ
ସମୟ ଯା ବିତାଇଲି।

ମିଛ ମାୟା ମୋହ ମିଛ ଅଭିନୟ
କରୁ କରୁ ଦିନ ଗଲା,
ଜୀବନର ଅଙ୍କ କଷୁ କଷୁ ସବୁ
ଫଳ ଭୁଲ ହେଇଗଲା,
ଯବନିକା ପଡ଼ିଯିବ,
ମାଟିରେ ମିଶିବା କାଳ ଆସିଗଲା
ଏ ଦୁନିଆ ଭୁଲିଯିବ।

ହିସାବ କରିବେ ପୁତ୍ର କନ୍ୟା ଜାୟା
କେତେ କାହା ପାଇଁ କଲି,
ମନକୁ ବୁଝାଇ ନିନ୍ଦା ପ୍ରଶଂସାରେ
ଦୁଇ ଦିନେ ଯିବେ ଭୁଲି,
ଭଲ ହାଟକୁ ଆସିଲି,
କଳାକାର ହୋଇ ଅଭିନୟ ସାରି
ଖାଲି କଲବଲ ହେଲି।


ନିଆଳ ଖୋର୍ଦ୍ଧା

## କମ୍ ବୟସରୁ ଚନ୍ଦାପଣର ଶିକାର ହେଉଛନ୍ତି କି ? ପ୍ରତିଦିନ କରନ୍ତୁ ଏଭଳି କାମ, ଦେଖାଯିବନି ଚନ୍ଦାପଣର ସମସ୍ୟା

**ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଦେଖାଯାଏ । ଶରୀରରେ ମେଟାବଲିଜମର ମାତ୍ରା ବଢିଥାଏ । ଭାରତରେ ପ୍ରତି ୨ ଜଣ ବ୍ୟକ୍ତିଙ୍କ ମଧ୍ରୁ ଜଣଙ୍କ ମଧରେ ଚନ୍ଦାପଣର ସମସ୍ୟା ଦେଖାଯାଏ । ଅକାଳରେ ଚୁଟି ଝଡିପଡ଼େ ଏବଂ ଚନ୍ଦାପଣର ଶିକାର ହେବାକୁ ପଡେ । କିନ୍ତୁ କମ୍ ବୟସରେ ଚନ୍ଦାପଣ ଗ୍ରାସ କରିବା ଏକ ବଡ଼ ସମସ୍ୟା । ତେବେ କିଛି ଟିପ୍ସ ଆପଣାଇ ଆପଣ ନିଜ ଚୁଟିର ଧ୍ୟାନ ରଖିପାରିବେ । ଏବେ ପ୍ରଶ୍ନ ଉଠୁଛି କାହିଁକି ଅଧିକ ଲୋକ ଏହି ଚନ୍ଦାପଣର ଶିକାର ହୁଅନ୍ତି ? ହର୍ମୋନାଲରେ ପରିବର୍ତ୍ତନ , ଶରୀରରେ ପୋଷକ ତତ୍ତ୍ୱର ଅଭାବ , କେମୋଥେରାପି କିମ୍ବା ଅତ୍ୟଧିକ ଔଷଧ ସେବନ ,ଚାପଗ୍ରସ୍ତ ,ଶୀଘ୍ର ଓଜନରେ ହ୍ରାସ,ଗମ୍ଭୀର ରୋଗ ଇତ୍ୟାଦି । ଏହା ଦ୍ୱାରା ଶରୀରରେ ମେଟାବଲିଜମର ମାତ୍ରା ବଢେ ଏବଂ ଚନ୍ଦାପଣର ସମସ୍ୟା ଦେଖାଯାଏ ।**



ଡ଼ାଇଟରେ ନିଅନ୍ତୁ ପ୍ରୋଟିନ୍ : ହେୟାର୍ ଗ୍ରୋଥ୍ ପାଇଁ ପ୍ରୋଟିନ୍ ନିହାତି ଜରୁରୀ । ଅଣ୍ଡା, ମାଛ , କମ୍ ଚର୍ବି ଥିବା ମାଂସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଯାହା ଚୁଟି ବଢାଇବା ପାଇଁ ଲାଭଦାୟକ ହୋଇଥାଏ । ଖାଦ୍ୟରେ ଜରୁରୀ ଭିଟାମିନ୍ ସାମିଲ୍ କରନ୍ତୁ। ଭିଟାମିନ୍ ଏ ଚୁଟିମୂଳରେ ପ୍ରାକୃତିକ ତେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭିଟାମିନ୍ ଇ ରକ୍ତ ସଞ୍ଚାଳନକୁ ବଢାଇଥାଏ । ବେଳେବେଳେ ଘରୋଇ ଉପଚାର ମଧ ଚୁଟି ବଢାଇବାରେ ସହାୟକ ହୋଇଥାଏ । ରସୁଣ ଏଥିପାଇଁ ଭଲ ମସାଜର୍ ହୋଇପାରେ । ରସୁଣ,ପିଆଜ,ଅଦାର ରସକୁ ଆପଣ ମୁଣ୍ଡରେ ମାଲିସ୍ କରିପାରିବେ । ରାତିରେ ମାଲିସ୍ କରି ସକାଳେ ଧୋଇପାରିବେ । ଆୟୁର୍ବେଦିକ ଡ଼ାକ୍ତରଙ୍କ କହିବାନୁସାରେ,ଏହା କରିବା ଦ୍ୱାରା ଆପଣଙ୍କ ଚୁଟି ପୁନର୍ବାର ବଢିଯିବ । ଆମେ ପ୍ରତିଦିନ ଖାଦ୍ୟ ଖାଇଲା ଭଳି ଚୁଟିକୁ ମଧ ଖାଦ୍ୟ ଦରକାର ଏବଂ ପ୍ରତିଦିନ କିଛି ଡ୍ରପ୍ ତେଲ ନେଇ ହାଲକା ହାଲକା ମସାଜ୍ କଲେ ରକ୍ତ ସଞ୍ଚାଳନ ହେବା ସହ ଚୁଟିର ଗ୍ରୋଥ୍ ମଧ ବଢିଥାଏ । ବଜାରରେ ଅନେକ ପ୍ରକାରର କ୍ୟାମିକାଲଯୁକ୍ତ ସାମ୍ପୁ ବିକ୍ରି ହେଉଛି । ବିଜ୍ଞାପନ ଆଳରେ ଯଦି ଏସବୁ ଆପଣ ଚୁଟିରେ ବ୍ୟବହାର କରୁଛନ୍ତି ତାହେଲେ ଚୁଟି ଝଡ଼ିବା ଭଳି ସମସ୍ୟା ହିଁ ଦେଖାଯିବ । ତେଣୁ ସାମ୍ପୁ କିଣିବା ପୂର୍ବରୁ ପ୍ରଥମେ ସାମ୍ପୁରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ପକାନ୍ତୁ। ଜୋଜୋବା,ନଡ଼ିଆ ତେଲ ,ଅଲିଭ୍ ଅଏଲ୍ , ପ୍ରୋଟିନ୍ , ଆଲୋବେରା,କେଫିନ୍ ଭଳି ସାମଗ୍ରୀ ଥିଲେ ହିଁ ସାମ୍ପୁ କିଣନ୍ତୁ ।



୮ ରୁ ୯ ଘଣ୍ଟା ଶୁଅନ୍ତୁ : ନିଦ୍ରେଜ ବା ଶୋଇବା ସମୟରେ ଆମ ଶରୀରର ମରାମତି କାମ କରିଥାଏ । ଗ୍ରୋଥ୍ ହର୍ମୋନ୍, ସେଲ୍ ପ୍ରଡ଼କ୍ସନ୍ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ହେୟାର୍ ଗ୍ରୋଥ୍ ଶୀଘ୍ର ହୋଇଥାଏ ।

## ଭାଇ ପାଇଁ ଅତି ସହଜରେ ନିଜ ହାତରେ ତିଆରି କରନ୍ତୁ ଏମିତି ସୁନ୍ଦର ରାକ୍ଷୀ



ଚଳିତ ବର୍ଷ ଭାଇ-ଭଉଣୀର ପର୍ବ ରାକ୍ଷୀ ବନ୍ଧନ ୧୯ ଅଗଷ୍ଟରେ ପଡୁଛି। ଏଭଳି ପରିସ୍ଥିତିରେ ରାକ୍ଷୀର ଏହି ପବିତ୍ର ପର୍ବକୁ ଧୁମଧାମ୍‌ରେ ପାଳନ କରିବାକୁ ଆଉ ମାତ୍ର ଅଳ୍ପ ଦିନ ବାକି ଅଛି। ଆପଣ ମଧ ରାକ୍ଷୀ ପାଇଁ ସପିଂ ଆରମ୍ଭ କରିଦେଇଥିବେ ନିଶ୍ଚୟ। ରାକ୍ଷୀ ପୂର୍ଣ୍ଣିମାରେ ପିନ୍ଧିବା ପାଇଁ ନୂଆ ପୋଷାକ କିଣୁଥିବେ ମଧ। ଏବେ ବଜାରର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଡିଜାଇନର୍ ରାକ୍ଷୀ ବିକ୍ରି ହେଉଛି। ବାସ୍ତବରେ, ଅଧିକାଂଶ ଭଉଣୀମାନେ ଭାଇ ହାତକୁ ମାନିବା ଭଳି ସୁନ୍ଦର ରାକ୍ଷୀ କିଣନ୍ତି, କାରଣ ଏହା ଭାଇ ଏବଂ ଭଉଣୀ ମଧରେ ଅବିସ୍ମରଣୀୟ ଏବଂ ପବିତ୍ର ସମ୍ପର୍କର ଏକ ପର୍ବ। ଏପରି ପରିସ୍ଥିତିରେ, ଯଦି ଆପଣ ନିଜ ଭାଇ ପ୍ରତି ପ୍ରେମ ଏବଂ ସ୍ନେହ ଦେଖାଇବାକୁ ଚାହୁଁଛନ୍ତି ତେବେ ବହୁତ କମ୍ ଉପାଦାନ ଏବଂ କମ୍ ସମୟ ମଧରେ ଘରେ ଏକ ସୁନ୍ଦର ରାକ୍ଷୀ ମଧ ତିଆରି କରିପାରିବେ। ତେବେ ଘରେ ରାକ୍ଷୀକୁ ସହଜରେ ତିଆରି କରିବା ପାଇଁ ଆପଣଙ୍କୁ କେଉଁ ସାମଗ୍ରୀ ଆବଶ୍ୟକ ହେବ ଏବଂ ଏହାକୁ କିପରି ତିଆରି କରିବେ ଆସନ୍ତୁ ଜାଣିବା।

କିପରି ତିଆରି କରିବେ ରାକ୍ଷୀ:

୧ – ଯଦି ଆପଣଙ୍କ ଘରେ ଉଲ୍ ଅଛି, ତେବେ ଆପଣ ଏହା ଦ୍ୱାରା ରାକ୍ଷୀ ମଧ ତିଆରି କରିପାରିବେ। ଆପଣଙ୍କ ପ୍ରିୟ ରଙ୍ଗର ୧୦-୧୨ ଡୋରୀ ନିଅନ୍ତୁ। ଗୋଟିଏ ମୁଣ୍ଡ ବାନ୍ଧନ୍ତୁ। ବର୍ତ୍ତମାନ ଏହାକୁ ବେଣୀ କରିଦିଅନ୍ତୁ। ତା'ପରେ ଅନ୍ୟ ମୁଣ୍ଡକୁ ମଧ ବାନ୍ଧନ୍ତୁ। ବଳକା ଉଲ୍ କାଟି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଗୋଲାକାର ଫୁଲ ପରି ତିଆରି କରନ୍ତୁ। ଏହାକୁ ଛୁଞ୍ଚି-ସୂତାରେ ସିଲେଇ କରନ୍ତୁ ଯେପରି ଏହା ଖୋଲିବ ନାହିଁ। ଏହା ଫୁଲ ପରି ଦେଖାଯିବ। ଏହା ମଝିରେ ଏକ ଧଳା ରଙ୍ଗର ମୋତି ଗୁନ୍ଥନ୍ତୁ। ବର୍ତ୍ତମାନ ଏକ ଛୁଞ୍ଚି ସାହାଯ୍ୟରେ ଉଲ୍‌ର ଗୋଟିଏ ସୂତାରେ ୬-୭ ଛୋଟ ଛୋଟ ଧଳା ରଙ୍ଗର ମୋତି ଭର୍ତ୍ତି କରନ୍ତୁ। ଏହାକୁ ସେହି ଫୁଲରେ ଏକ ଛୁଞ୍ଚିରେ ସିଲେଇ କରନ୍ତୁ। ରାକ୍ଷୀଙ୍କୁ ହାତରେ ବାନ୍ଧିବା ପାଇଁ ଏହା ହେଉଛି ଏକ ଡୋରୀ। ବର୍ତ୍ତମାନ ଅନ୍ୟ ପାର୍ଶ୍ୱରେ ମଧ ଛୋଟ ଛୋଟ ଧଳା ମୋତିକୁ ସୂତାରେ ଭର୍ତ୍ତି କରନ୍ତୁ। ଟିକିଏ ଟିକିଏ ଫାଙ୍କ ଛାଡି ଡୋରୀରେ ମୋତି ଗୁନ୍ଥନ୍ତୁ। ଏହି ଉପାୟରେ, ଆପଣ ଅଳ୍ପ କିଛି ସମୟରେ ବିଭିନ୍ନ ରଙ୍ଗର ଉଲ୍‌ରେ ଅତି ସହଜ ଏବଂ ସୁନ୍ଦର ରାକ୍ଷୀ ତିଆରି କରିପାରିବେ।

୨ – ବଜାରରେ ବିଭିନ୍ନ ରଙ୍ଗର ରିବନ୍ ମଧ ଉପଲବ୍ଧ। ରିବନରେ ଏକ ଫୁଲ ତିଆରି କରି ଏକ ଛୋଟ କାର୍ଡ ବୋର୍ଡରେ ଅଠାରେ ଲଗାନ୍ତୁ। ଏହାକୁ ଗୋଲାକାର ଆକାରରେ କାଟି ଦିଅନ୍ତୁ। ଏହି ରାକ୍ଷୀକୁ ହାତରେ ବାନ୍ଧିବା ପାଇଁ ରିବନରୁ ଏକ ଡୋରୀ ମଧ ତିଆରି କରାଯାଇପାରେ। ଏଥିପାଇଁ ଅନ୍ୟ କିଛି ରଙ୍ଗ ବାଛନ୍ତୁ। ଏହାକୁ ଫୁଲ ତିଆରି ରିବନ୍ ତଳେ ଅଠାରେ ଲଗାନ୍ତୁ। ଯଦି ଆପଣ ଚାହାଁନ୍ତି, ଏହାକୁ ମୋତି, ଷ୍ଟାର, ଗ୍ଲିଟର ସହିତ ସଜାଇ ପାରିବେ।

## ବର୍ଷାଦିନେ କେଶର ଯତ୍ନ



- ଏହି ଋତୁରେ ଆଲକହଲଯୁକ୍ତ ସାମ୍ପୁ, କଣ୍ଡିସନର ତଥା ଅନ୍ୟାନ୍ୟ ସାମଗ୍ରୀ କେଶରେ ଲଗାନ୍ତୁନାହିଁ। ନଡ଼ିଆ ତେଲଯୁକ୍ତ ସାମ୍ପୁ ବ୍ୟବହାର କରନ୍ତୁ। ଏହା କେଶ ମୂଳର ଚର୍ମ ସଂକ୍ରମଣ ହେବାର ଆଶଙ୍କା ଥାଏ।

- ସାମ୍ପୁ ପୂର୍ବରୁ ଖୋଲା ଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ ସାମ୍ପୁ ଲଗାଇବା ବେଳେ କେଶ କଟା ହୁଏ ନାହିଁ। ଉଷୁମ ପାଣିରେ କେଶ ଧୁଅନ୍ତୁ ନାହିଁ।

- ଅଳ୍ପ ପାଣିରେ ସାମ୍ପୁ ଗୋଳେଇ କେଶରେ ଲଗାନ୍ତୁ। ହାଲୁକା ମାଲିସଦ ପରେ ଧୂଅନ୍ତୁ। ସପ୍ତାହରେ ଅତି କମରେ ତିନିଥର ସାମ୍ପୁକରନ୍ତୁ।

- ସାମ୍ପୁ ପରେ ଅଳ୍ପ କଣ୍ଡିସନର ଲଗାନ୍ତୁ। ଏହାଦ୍ୱାରା କେଶ ନରମ ଓ ମଜଭୁତ ହୁଏ। ଚମକ ବଢ଼େ। ଏହାକୁ କେଶର ମୂଳ ଭାଗ ବା ମୁଣ୍ଡ ତ୍ୱଚାରେ ନ ଲଗାଇ କେବଳ କେଶରେ ଲଗାନ୍ତୁ।

- ବସାଦହି କେଶ ପାଇଁ ପ୍ରାକୃତିକ କଣ୍ଡିସନର ଭାବେ କାମକରେ। କେଶରେ ଲଗାଇ ତଉଲିଆରେ ଗୁଡ଼ାଇଦିଅନ୍ତୁ। ପନ୍ଦର ମିନିଟ୍ ପରେ ଧୁଅନ୍ତୁ।

- ଦୁଇ ଚାମଚ ଦହି ଓ ଦଇ ଚାମଚ ଲେମ୍ବୁ ରସରେ ଗୋଟିଏ ଅଣ୍ଡାର ଧଳା ଅଂଶକୁ ଭଲ ଭାବେ ଫେଂଟି କେଶରେ ଲଗାନ୍ତୁ। କୋଡ଼ିଏ ମିନିଟ ପରେ ଧୁଅନ୍ତୁ।

- ଓଦା କେଶ କୁଣ୍ଡାନ୍ତୁ ନାହିଁ। ଶୁଖିବା ପରେ କୁଣ୍ଡାନ୍ତୁ। ଏହାଦ୍ୱାରା କେଶ ଛିଣ୍ଡିବା, ଝଡ଼ିବା କମେ।

## ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍‌ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।

ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।

ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।


ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ। ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ।

କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।



## ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**



*ଡାଏଲିସିସ୍ କ'ଣ ?:* ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?:* ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।

*ଶରୀରରେ କିଡନୀର କାମ:* ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଯ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।

# ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଘଷିପୁରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା

ଘଟଗାଁ, ୧୩/୦୮ (ନି.ପ୍ର): ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଘଷିପୁରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ଘଷିପୁରା ବ୍ଲକ୍ ଅନ୍ତର୍ଗତ ବଳରାମପୁର ପଂଚାୟତର ନୂଆପଡ଼ାର ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ମାନେ ନେଇଛନ୍ତି ଏହି ଗୁରୁ ଦାୟିତ୍ୱ। ଘରେ ଘରେ ତ୍ରିରଙ୍ଗା ଅଭିଯାନ ସଫଳ କରିବା ପାଇଁ ଜାତୀୟ ପତାକା ତିଆରୀ କରୁଛନ୍ତି । ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲାରେ ୨ ଲକ୍ଷ ତ୍ରିରଙ୍ଗା ପତାକା ବାଂଟିବାକୁ ଥିବାବେଳେ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ ମାନେ ୪୦୦୦ ତ୍ରିରଙ୍ଗା ଜାତୀୟ ପତାକା ନିର୍ମାଣରେ ଲାଗିଛନ୍ତି । ଏଭଳି ଏକ ଗୁରୁ ଦାୟୀତ୍ୱର ସୁଯୋଗ ମିଳିଥିବାରୁ ସେମାନେ ଘର କାମ ସହିତ ରାଷ୍ଟ୍ର କାମରେ ନିଜକୁ ନିୟୋଜିତ କରୁଥିବାରୁ ନିଜକୁ ଗର୍ବିତ ମନେ କରୁଛନ୍ତି । ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନତା ମଧ୍ୟରେ ଏକତାର ବାର୍ତା ଦେବା ସହ ମିଶନ ଶକ୍ତି ସଦସ୍ୟଙ୍କୁ ରୋଜଗାର ଯୋଗାଇବା ଭଳି ମହତ ଉଦେଶ୍ୟକୁ ପୂରଣ କରିଛି । 'ବିଭିନ୍ନତା ମଧ୍ୟରେ ଏକତାର' ବାର୍ତା ଦେବା ପାଇଁ ସମସ୍ତ ଜିଲ୍ଲା, ବ୍ଲକ ଏବଂ ପଂଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା ଓ ଶପଥପାଠ କାର୍ଯ୍ୟକ୍ରମ ଅୟୋଜନ କରାଯିବ ଓ ଏଥିପାଇଁ ଆବଶ୍ୟକୀୟ ସଂଖ୍ୟକ ଜାତୀୟ ପତାକା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଘସିପୁରା ବ୍ଲକ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ନୂଆପଡ଼ାର ସଭାନେତ୍ରୀ ବନିତା ମଲିକ,ତପସ୍ୱିନି ଜେନା, ସବିତା ମଲିକ, ବାସନ୍ତୀ ମହାରଣା, କୋଇଲି ମଲିକ, ଉଷାରାଣୀ ମହାରଣା, ମନୋରମା ଚକ୍ର, ମାଳତୀ ମହାରଣା ପ୍ରମୁଖ ସହଯୋଗ କରିଥିବା ବେଳେ ଆସନ୍ତା ୧୩ ତାରିଖ ସୁଦ୍ଧା ଏହା ବ୍ଲକରେ ପ୍ରଦାନ କରାଯିବାକୁ ଥିବା ବେଳେ ରୋଜଗାର କଥା ନୁହେଁ ସରକାର ସେମାନଙ୍କୁ ରାଷ୍ଟ୍ର କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଇଥିବାରୁ ସେମାନେ ଖୁବ୍ ଗର୍ବିତ ବୋଲି କହିଛନ୍ତି ।

## ଶହୀଦ ସୁଶାନ୍ତ ଖୁଂଟିଆଙ୍କ ସ୍ମୃତିରେ ବୃକ୍ଷରୋପଣ

ଘଟଗାଁ , ୧୩/୦୮ (ନି.ପ୍ର): ଆନନ୍ଦପୁର ର ବୀର ସନ୍ତାନ ଶହୀଦ ସୁଶାନ୍ତ ଖୁଂଟିଆଙ୍କ ପ୍ରଥମ ବାର୍ଷିକ ସ୍ମୃତିରେ ସହପାଠୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଦେଶ ପାଇଁ ଶହୀଦ ହୋଇଥିବା ସୁଶାନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହପାଠୀମାନେ ଆନନ୍ଦପୁର ଉପ-କାରାଗାର ସମ୍ମୁଖରୁ ଶହୀଦ ସୁଶାନ୍ତ ଖୁଂଟିଆ ଙ୍କ ପାର୍କ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ । ଏଥି ସହିତ ଘସିପୁରାସ୍ଥିତ ଏକ ଅନାଥ ଆଶ୍ରମରେ ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରାଯାଇଥିଲା । ପରେ ବୈତରଣୀ ବ୍ୟାରେଜ ନିକଟସ୍ଥ ପାର୍କ ନିକଟରେ ପଥଚାରମାନଙ୍କ ନିମନ୍ତେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

# ମୌଳିକ ସୁବିଧାରୁ ବଂଚିତ ଜୟପୁର ୨୨ ନଂ ୱାର୍ଡ଼ର ଦମ୍ପତି

ଜୟପୁର, ୧୩/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଠାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୁଃଖଦ ଘଟଣା। ଜୟପୁର ସ୍ଥିତ ସ୍ଥାନୀୟ ପୌରପାଳିକା ଅଧିନସ୍ଥ ୨୨ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି ମୌଳିକ ସୁବିଧାରୁ ବଂଚିତ ରହିଥିବା ଦମ୍ପତି।୨୨ ନମ୍ବର ୱାର୍ଡ ଗଡିଆ ଧବା ସାହିର କୁମୁଟି ମୁଦୁଲି ବୟସ ପ୍ରାୟ ୬୨ ବର୍ଷ ଏବଂ ତାଙ୍କ ସ୍ତ୍ରୀ ଶୁକ୍ରି ମୁଦୁଲି, ବସବାସ କରନ୍ତି । ତାଙ୍କର ନିଜର ବୋଲି କେହି ନାହାଁନ୍ତି । ବୟସର ଅପରାହ୍ନରେ କୁମୁଟି ବାଡି ଖଣ୍ଡିଏ ଧରି ଛୋଟେଇ ଛୋଟେଇ ଚାଲିଲା ବେଳେ ତାଙ୍କ ସ୍ତ୍ରୀ ସୁକ୍ରି ଆଖିକୁ ମୋଟେ ଦେଖାଯାଉ ନ ଥିବାବେଳେ ହାମୁଡି ହାମୁଡି ଚାଲିଆସନ୍ତି । ବୟସ ଅପରାହ୍ନରେ ଦୁହେଁ ମଧୁବାବୁ ପେନସନ୍, ଘର ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରୁ ବଂଚିତ ରହି ଅତି ଦୟନିୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ବୃଦ୍ଧ ଦମ୍ପତି । ଚାଉଳ କାର୍ଡ ଥିବା ସତ୍ୱେ ସୁକ୍ରିର ଫିଙ୍ଗର ପ୍ରିଂଟ ନେଉ ନ ଥିବାରୁ ୧୦ କେଜି ଚାଉଳରୁ ମଧ ବଂଚିତ ଅଛନ୍ତି । ଚାଉଳ ମିଳୁ ନ ଥିବାରୁ ସାହି ବାସିନ୍ଦା ଏବଂ ୨୨ ନମ୍ବର ୱାର୍ଡର କାଉନସିଲର କିଛି ଚାଉଳ ଏବଂ ସଉଦାପତ୍ର ଦେଲେ ତାହା ଖାଇ ଜୀବନ ଅତିବାହିତ କରୁଛନ୍ତି । କୁଡିଆ ଖଣ୍ଡିଏ ଅଛି ତାହା ଦେଖିଲା ବେଳକୁ ଝାଟି ମାଟିରେ ଗଢା, ପଛ ପଟର କାନ୍ଥ ଭୀଷଣ ବର୍ଷାରେ ଭାଙ୍ଗି ସାରିଲାଣି, ଘର ଉପରେ ପଲିଥିନ ଜରି ଖଣ୍ଡିଏ ଅଛି ତାହା ମଧ ରାତିରେ ଜହ୍ନ ଏବଂ ଦିନରେ ସୂର୍ଯ୍ୟ ଦେଖାଯାଏ । ଏତେ ବର୍ଷାରେ ଜରି ଖଣ୍ଡିଏ ପାଇବା ପାଇଁ ତହସିଲହାର କାର୍ଯ୍ୟାଳୟକୁ ଖବର ଦେଲେ ମଧ ଜରି ଖଣ୍ଡେ ପାଇ ପାରୁନାହାନ୍ତି । ସେମାନଙ୍କୁ ସରକାର ସୁବିଧା ଯୋଗାଇ ଦେବାପାଇଁ ସ୍ଥାନୀୟ ବାସିନ୍ଦା ଏବଂ ନମ୍ବର ୱାଡର କାଉନସିଲର ଶ୍ରୀ ବିଷ୍ଣୁ ବର୍ଦ୍ଧନ ରେଡ୍ଡି ଦାବି କରିଛନ୍ତି । ଭାରତ ସ୍ୱାଧୀନ ହୋଇ ଦୀର୍ଘ ୭୭ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର ?ଯ୍ୟନ୍ତ ସରକାରଙ୍କ ସୁବିଧାରୁ ବଂଚିତ ରହିଛନ୍ତି କୁମୁଟି ମୁଦୁଲି ଏବଂ ତାଙ୍କ ସ୍ତ୍ରୀ ଶୁକ୍ରୀ ମୁଦୁଲି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଯାହା ବି ଯୋଜନା ଘୋଷଣା କଲେ ପାଇବା ଆଶାରେ ଚାହିଁ ବସି ଥାନ୍ତି ଗରିବ ଓ ଅସହାୟ ପରିବାର। କିନ୍ତୁ ସରକାର ଯୋଜନା ପାଇବା ତ ଦୂର କଥା କିନ୍ତୁ ସରକାର ଯୋଜନାରେ ସେମାନଙ୍କୁ ସାମିଲ ମଧ କରାଯାଉ ନ ଥିବା ମଧ ଅନେକ ସ୍ଥାନରେ ଦେଖିବାକୁ ମିଳିଛି। ତେବେ ସରକାର କାହା ପାଇଁ ଏହି ଯୋଜନା ସବୁ ଘୋଷଣା କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନା ସରକାର ଯୋଜନା ବାଟମାରଣା ହେଉଛି ତାହା ମଧ ଏବେ ସନ୍ଦେହ ଘେରରେ। କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା। ଏହି ଅଂଚଳରେ ଅଧିକାଂଶ ଆଦିବାସୀ ଲୋକ ବସବାସ କରନ୍ତି। ସରକାର ବିଭିନ୍ନ ଯୋଜନା ଗରିବଙ୍କ ହିତ ପାଇଁ ଘୋଷଣା କରିଥାନ୍ତି। କିନ୍ତୁ ଅସହାୟ ଓ ଗରିବ ଏଥିରୁ ବାଦ୍ ପଡିଥିବା ଅନେକ ସ୍ଥାନରେ ଦେଖିବାକୁ ମିଳିଛି। ତେବେ ଜୟପୁର ପୌରାଂଚଳରେ ତଥା ଜୟପୁର ଭଳି ଏକ ସହରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଯାହା କି ଏବେ ବୁଦ୍ଧିଜୀବୀ ମହଲରେ ଏବଂ ସାଧାରଣ ମହଲରେ ଏକ ଚର୍ଚ୍ଚା ବିଷୟ ପାଲଟିଛି। ତେବେ ପୌର ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ଏହି ଦମ୍ପତିଙ୍କ ଉପରେ ତାହା ଏବେ ଦେଖିବାକୁ ବାକି ରହିଲା।

# ଜାତୀୟ ସେବା ସଂସ୍ଥା ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି, ୧୩/୦୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଳକ ଶାଖା ଜାତୀୟ ସେବା ସଂସ୍ଥା ତରଫରୁ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଭାରପ୍ରାପ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦାନ କରି ମା ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ଗୌତମ ନାୟକ ଆୟୋଜନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କ୍ଷ ମୁଖ୍ୟ ବକ୍ତା ସବୁଜ ବାହିନୀ ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ ଏବଂ ମୃତିକା ସଂରକ୍ଷଣ ବିଷୟରେ ଗଛ ଲଗାଇବା ନିହାତି ଦରକାର ବୋଲି ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପଦାତିକ ଏଲଟି ସୁଶାନ୍ତ ମାଝୀ ସ୍ୱେଚ୍ଛାସେବୀଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ପିଜୁଳି, ଅମୃତଭଣ୍ଡା, ଅଁଳା ଇତ୍ୟାଦି କଲେଜ, ବାବୁ ଜଗଜୀବନ ରାମ ଓ ଲକ୍ଷ୍ମଣ ନାୟକ ଛାତ୍ରକ୍ଷବାସର ଚାରି ପାର୍ଶ୍ୱ ରେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବି.ଗୁପ୍ତେଶ୍ୱର ରାଓ, ପ୍ରେମରେଖା ଭତ୍ରା, ଲକ୍ଷ୍ମୀ କୁଜୁର, ଲିପସା ନାୟକ, ଉମେଶ ଚନ୍ଦ୍ର ରାଉତ ଅନ୍ୟାନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଜାତୀୟ ସେବା ସଂସ୍ଥା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରଛାତ୍ରୀ ଯୁବ ଦିବସର ମହତ୍ତ୍ୱ ଉଦ୍ଦେଶ୍ୟରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବୃକ୍ଷରୋପଣ କରିବାକୁ ବଜ୍ର ଶପଥ ନେଇଥିଲେ।

ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଏଲ ଟି ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଂାଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ କେନ୍ଦୁଝର ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

କେନ୍ଦୁଝର, ୧୩/୦୮ (ନି.ପ୍ର): କେନ୍ଦୁଝର ଯୁବମୋର୍ଚ୍ଚା ପକ୍ଷରୁ ବଂାଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ କେନ୍ଦୁଝର ଜିଲ୍ଲପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ପଡୋଶୀ ବଂାଲାଦେଶରେ ବିନା କାରଣରେ ହିନ୍ଦୁ ମାନଙ୍କ ପ୍ରତି ଅମାନବୀୟ ଅତ୍ୟାଚାର ଦେଶର ସମସ୍ତ ହିନ୍ଦୁ ସମାଜକୁ ବହୁତ କଷ୍ଟ ଦେଇଛି । ହିନ୍ଦୁ ମାନଙ୍କ ପ୍ରତି ଆକ୍ରମଣ ଓ ଅତ୍ୟାଚାର ଭାରତର ନାଗରିକଙ୍କୁ ବ୍ୟଥିତ କରିବା ସ୍ୱଭାବିକ । ବିଭିନ୍ନ ସମୟରେ ଆମ ଦେଶକୁ ବିଭିନ୍ନ କର୍ମ ନିଯୁକ୍ତି ପାଇଂ ବଂାଲାଦେଶୀ ଅନୁପ୍ରବେଶକାରୀ ପ୍ରବେଶ କରିବା ଦେଖିବାକୁ ମିଳିଛି । କିଏ ଫେରିବାଲା ତ କିଏ ରାଜମିସ୍ତ୍ରୀ ଆଦି କାମରେ ଆମ ଦେଶର ପ୍ରାୟ ସମସ୍ତ ଗ୍ରାମରେ ପ୍ରବେଶ କରି ଅବାଧରେ କାମ କରୁଥିବା ଅଭିଯୋଗ କରିଛି ବିଜେପି ଯୁବମୋର୍ଚ୍ଚା ।ଯେପରି ଭାବେ ଧର୍ମକୁ ଆଧାର କରି ପଡୋଶୀ ବଂାଲାଦେଶୀ ମାନେ ନିଜ ଦେଶରେ ହିନ୍ଦୁ ମାନଙ୍କ ଉପରେ ଅମାନୁଷିକ ଭାବେ ଆକ୍ରମଣ କରୁଛନ୍ତି ସେଭଳି ମାନସିକତା ଥିବା ଆମ ଦେଶର ଗାଁ ସହର ମାନଙ୍କରେ ପ୍ରବେଶ କରିବା ଦେଶର ଜନତା ଙ୍କ ପ୍ରତି ବିପଦ ସୃଷ୍ଟି କରିବା ସ୍ୱଭାବିକ ।ଏ ପରିକି ବିଗତ ଦିନରେ କେତେକ ବଂାଲାଦେଶୀ ଅନୁପ୍ରବେଶକାରୀମାନେ ଭୁଲାଇ ଆମ ସମାଜର ମହିଳାଙ୍କୁ ଉଠାଇ ଫେରାର ହୋଇଯିବାର ନଜିର ମଧ୍ୟ ରହିଛି ବୋଲି କହିଛନ୍ତି । ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସବୀର ଦୀଶ । ପଡୋଶୀ ବଂାଲାଦେଶରେ ଯେପରି ଭାବେ ହିଂସା ସମର ସୀମାରେ ପହଂଚିଅଛି ସେପରି ପରିସ୍ଥିତିରେ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଗ୍ରାମ ଏବଂ ସହର ମାନଙ୍କରେ ବଂାଲାଦେଶୀ ଅନୁପ୍ରବେଶକାରୀ ଙ୍କ ଉପସ୍ଥିତ ସାଧାରଣ ଜନତାଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା କହିଛି ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ।

## ଫାଇଲେରିଆ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୩/୦୮ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଫାଇଲେରିଆ ବା ଶ୍ଲୀପଦ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ କହିଲେ ସନ୍ତସନ୍ତିଆ ଜାଗାରେ ଫାଇଲେରିଆ କୃମି ଯୁକ୍ତ ଆନୋଫିଲିସ, କ୍ୟୁଲେକ୍ସ ଓ ଏଡିସ୍ ଆଦି ଯେକୌଣସି ମଶା ବଢ଼ନ୍ତି, ଏମାନେ କାମୁଡ଼ିଲେ କୀଟ ଲସିକା ସଂବହନରେ ଯାଇ ଲସିକାଗ୍ରନ୍ଥି ସବୁକୁ ବଢାଇ କମ୍ପନ ଯୁକ୍ତ ଜ୍ୱର, ମୁଣ୍ଡବ୍ୟଥା, ଗୋଡ, କୋଷ, ହାତ, ନାକ, କାନ ବା ଓଠ ଫୁଲି ଯାଏ। ଲସିକା ଆସୁଥିବାରୁ କ୍ଷୀର ରଙ୍ଗର ପରିସ୍ରା ହୁଏ। ଅର୍ଦ୍ଧ ରାତ୍ରିରେ ରକ୍ତ ପରୀକ୍ଷା କରି ବା ନାଡୀ ଦେଖି ରୋଗ ନିର୍ଣ୍ଣୟ ହୁଏ। ଖଟା, ଥଣ୍ଡା ଖାଇଲେ ଶୀଘ୍ର ରୋଗ ବଢେ । ମଶା ବଂଶ ନାଶ କରି, ଦୂରେଇ ରହିଲେ ରୋଗ ହୁଏ ନାହିଁ। ହଳଦୀ ଚୂର୍ଣ୍ଣ ଗୁଡ଼ ସହ ବା ଗିଲ ପତ୍ର ବା ଗୁଳୁଚି ପତ୍ର ରସ ସହ ସୋରିଷ ତେଲ ପିଇଲେ ଭଲ ହୋଇଯାଏ। ଫୁଲା ବ୍ୟଥା ସ୍ଥାନରେ ଦୁଦୁରା ପତ୍ର ବାଟି ଗରମ କରି ଲଗାଇଲେ ଭଲ ହୋଇଯାଏ। ଫୁଲା ସ୍ଥାନରେ ଶୁଦ୍ଧ ଜୋକ ଲଗାଇଲେ ଅଶୁଦ୍ଧ ରକ୍ତ ବାହାରିଯାଇ ଫୁଲା ଶୀଘ୍ର କମିଯାଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ।

ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

# ବରଗୁଡା ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ବ୍ଲକ ସମ୍ମୁଖରେ ପ୍ରତିବାଦ

ଜୟପୁର, ୧୩/୦୮ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ମସିଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ବରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୭ରୁ ୮ ବର୍ଷ ହେବ ଲାଗି ରହିଥିବା ସମସ୍ୟାକୁ ଭିତି କରି ଆଜି ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ଟା ୩୦ ସମୟ ଠାରୁ ପ୍ରାୟ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଛିଡା ହୋଇ ହାତରେ ସେମାନଙ୍କ ସମସ୍ୟା ର ପୋଷ୍ଟର ଧରି ପ୍ରତିବାଦ କରିଥିଲେ । ଦୀର୍ଘ ସମୟ ଧରି ଛୋଟ ଛୋଟ ପିଲା ମାନେ ଖରାରେ ଛିଡା ହୋଇଥିବା ଦେଖି କିଛି ସମାଜ ସେବୀ ବୁଦ୍ଧିଜୀବୀ ପାଣି ବୋତଲ ଓ ବିସ୍କୁଟ ଆଣି ପିଲାଙ୍କୁ ଦେଇଥିଲେ । ପିଲାଙ୍କ ଏହି ଧାରଣା ବିଷୟରେ ଖବର ପାଇ ସ୍ଥାନୀୟ ଶିକ୍ଷା ବିଭାଗ କର୍ମଚାରୀ, କିଛି ବରିଷ୍ଠ ଶିକ୍ଷାବିତ୍ ଓ ସ୍ଥାନୀୟ ପୋଲିସ କର୍ମଚାରୀ ବ୍ଲକ ନିକଟରେ ପହଂଚି ପିଲାମାନଙ୍କୁ ଓ ଅଭିଭାବକ ମାନଙ୍କୁ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । କିଛି ବରିଷ୍ଠ ଶିକ୍ଷାବିତ୍ ଓ ସମାଜସେବୀ ପିଲାମାନେ ଖରାରେ ଦୀର୍ଘ ୩ ଘଂଟା ହେବ ଧାରଣାରେ ଛିଡା ହୋଇଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ସିଧାସଳଖ ମାନବାଧିକାରକୁ ଖଣ୍ଡନ କରୁଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ପିଲାମାନେ ଓ ଅଭିଭାବକ ମାନେ ଦୀର୍ଘ ବର୍ଷ ହେଲା ଗୁହାରି କରି କୌଣସି ସୁଫଳ ନ ପାଇ ନିରାଶ ହୋଇ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ଶିକ୍ଷା ବ୍ୟବସ୍ଥା ପାଇଁ ବ୍ଲକ ସମ୍ମୁଖକୁ ଆସିଲେ, ଯେତେ ଯାହା କାମ ରହିଥିଲେ ସୁଦ୍ଧା ବ୍ଲକ ର କାର୍ଯ୍ୟରତ ବିଡ଼ିଓ କିମ୍ବା ଅନ୍ୟ କର୍ମଚାରୀ ତୁରନ୍ତ ଆସି ପିଲାଙ୍କ ସମସ୍ୟା ବୁଝିବା କଥା, କିନ୍ତୁ ଦୀର୍ଘ ୩ ଘଂଟା ପରେ ବିଡ଼ିଓ ଆସିବା ଅତି ଲଜ୍ୟା ଓ ନିନ୍ଦାର ବିଷୟ ଯାହା ମାନବାଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଗତ ୨୦୧୮-୧୯ ଶିକ୍ଷା ବର୍ଷରେ ଶିକ୍ଷା ବିଭାଗ ଠାରୁ ବିଦ୍ୟାଳୟ ମାନଙ୍କର ଉନ୍ନୟନ କାର୍ଯ୍ୟ ତୁଲାଇବା ପାଇଁ ପଂଚାୟତରାଜ ବିଭାଗକୁ ହସ୍ତାନ୍ତର କରି ଦିଆଯାଇଛି। ସେବେଠାରୁ ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କ ଶ୍ରେଣୀ ଗୃହ, ପାଚେରୀ, ଶୌଚାଳୟ, ରୋଷେଇ ଘର ଆଦି ବ୍ଲକର ବିଡ଼ିଓ, ଏଇ ,ଓ ଜେଇ ମାନେ ବୁଝୁଛନ୍ତି । ବରଗୁଡା ବିଦ୍ୟାଳୟ ର ସମସ୍ୟା ବାରମ୍ବାର ପଂଚାୟତ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଲେଖିକି ଦେବା ପରେ ମଧ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଆଜି ବିରକ୍ତ ହୋଇ ଅଭିଭାବକ ମାନେ ନିଜ ନିଜ ପିଲାଛୁଆଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବିଡ଼ିଓ କାର୍ଯ୍ୟାଳୟ କୁନ୍ଦୁରା ଠାରୁ ୨ ଶହ ମିଟର ଦୂରରେ ଥିବା ସଦର ପଂଚାୟତ କାର୍ଯ୍ୟାଳୟରେ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଥିଲେ, ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିବା ପରେ ଏବଂ ଜିଲ୍ଲାପାଳ ଘଟଣାର ସୂଚନା ପାଇ ନିଜେ ସୂଚନା ଦେବା ପରେ ବିଡ଼ିଓ ଧାରଣା ନିକଟକୁ ପହଂଚି ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତଙ୍କୁ ଆସନ୍ତା ୭ ଦିନ ଭିତରେ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଭିଭାବକ ମାନେ ଆପଣ ନିଜେ ଆସି ବିଦ୍ୟାଳୟର ଅବସ୍ଥା ଦେଖିବା ପରେ କଣ କରିବେ କହିବେ ବୋଲି ଜିଦ୍ ଧରିବାରୁ ବିଡ଼ିଓ ବରଗୁଡା ବିଦ୍ୟାଳୟକୁ ଏଇ ଓ, ବିଇଓଙ୍କୁ ସାଥିରେ ନେଇ ଯାଇଥିଲେ । ବର୍ତମାନ ମରାମତି କାମ କରାଯିବ ଏବଂ ବର୍ଷା ସାରିବା ପରେ ନୂଆ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ବିଡ଼ିଓ କହିଥିଲେ। ବିଡ଼ିଓ ଙ୍କ କହିବା ମୁତାବକ ଯଦି କିଛି କାମ ନ ହୁଏ ତେବେ ଆମେ ଆମ ପିଲାମାନଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ, ଆଉ ଯଦି ଆମ ବିଦ୍ୟାଳୟ ର ଶିକ୍ଷକ ମାନଙ୍କ ପ୍ରତି ଆକ୍ରସ ମୂଳକ ଭାବେ ବିଡ଼ିଓ କିଛି କାର୍ଯ୍ୟ କରନ୍ତି ତେବେ ପୁରା ଗାଁର ସମସ୍ତେ ଯାଇ ବ୍ଲକ ଘେରାଉ କରିବୁ ବୋଲି ବରଗୁଡା ଗ୍ରାମବାସୀ ବିଡ଼ିଓଙ୍କୁ ସିଧାସଳଖ କହିଥିଲେ । ବିଡ଼ିଓ ଙ୍କ ବିରକ୍ତି ଭାବ ଓ ଆକ୍ରୋଶ ମୂଳକ ବ୍ୟବହାର ଏବଂ ସର୍ବ ସାଧାରଣ ଙ୍କୁ ତୁଛ ଭଳି ବ୍ୟବହାରକୁ ସାଧାରଣରେ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଙ୍କ ମହଲରେ ନିନ୍ଦା କରାଯାଉଥିବା ଦେଖିବାକୁ ମିଳିଥିଲା।

# ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚର ବାର୍ଷିକ ସମ୍ମିଳନୀ

ଗଞ୍ଜାମ, ୧୩/୦୮ (ନି.ପ୍ର): ବ୍ରହ୍ମପୁର ଅସ୍ଥିଶଲ୍ୟ ମଂଚର ବାର୍ଷିକ ସମ୍ମିଳନୀ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସ୍ୱେକ୍ରାମ ହୋଟେଲର ସମ୍ମିଳନୀ କକ୍ଷରେ ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ଉପଦେଷ୍ଟା ପଦ୍ମଶ୍ରୀ ପ୍ରଫେସର ଡା. କୃଷ୍ଣ ମୋହନ ପାଠୀ, ସଭାପତି ଡା. ଅବନୀକାନ୍ତ ମିଶ୍ର, ସମ୍ପାଦକ ଡା. ସଙ୍କର୍ଷଣ ପାତ୍ର, ଓଡିଶା ଅସ୍ଥିଶଲ୍ୟ ସଂଘର ସମ୍ପାଦକ ଡା. ସତ୍ୟ ପ୍ରସନ୍ନ ପାତ୍ର, ମୁଖ୍ୟ ଅତିଥି ଡା ସୁବ୍ରତ ବାସୁ, ସମ୍ମାନିତ ଅତିଥି ଡା. ଶୁଭ୍ରାଂଶୁ ମହାନ୍ତି ଓ ସାଙ୍ଗଠନିକ ସମ୍ପାଦକ ଡା. ସ୍ୱରୂପ ଦାସ ମଂଚାସୀନ ଥିଲେ । ସଭାପତିଙ୍କ ସ୍ୱାଗତ ଅଭିଭାଷଣ ପରେ ମୁଖ୍ୟ ଅତିଥି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସମ୍ମିଳନୀର ଉଦଘାଟନ କରିଥିଲେ । ସମ୍ପାଦକ ଡା. ସଙ୍କର୍ଷଣ ପାତ୍ର ଅତିଥି ପରିଚୟ ଦେବାସହ ବ୍ରହ୍ମପୁର ଅସ୍ଥିଶଲ୍ୟ ସଂଘର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉପଦେଷ୍ଟା ଡା ପାଠୀ ମଂଚର ସୃଷ୍ଟି ଓ ଇତିହାସ ବିଷୟରେ ଉଲ୍ଲେଖ କରିଥିଲେ । ରାଜ୍ୟ ସମ୍ପାଦକ, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ମଂଚର କାର୍ଯ୍ୟାଳପର ଭୂୟସୀ ପ୍ରଶଂସା କରିଥିଲେ ଓ ଏହିପରି କର୍ମଶାଳା ଓ ଆଲୋଚନାଚକ୍ରର ଗୁରୁତ୍ୱ ବିଷୟରେ କହିଥିଲେ । ପରିଶେଷରେ ସାଙ୍ଗଠନିକ ସମ୍ପାଦକ ଡା. ସ୍ୱରୂପ ଦାସ ସମ୍ମିଳନୀର ସଫଳତାରେ ଖୁସି ପ୍ରକଟ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ବାହାରୁ ଓ ରାଜ୍ୟର ଦଶ ଜଣ ପ୍ରତିଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସକ ପ୍ରଶିକ୍ଷକ ଭାବେ ଯୋଗଦେଇ ଆଲୋଚନା ଚକ୍ର ଓ କର୍ମଶାଳାରେ ନୂତନ ଭାବେ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଥିବା ଇଲିଯାରୋଭ କୌଶଳର ବ୍ୟବହାର ଓ ସମସ୍ତ ଦିର୍ଗ୍ଵିଷୟରେ ପ୍ରଶିକ୍ଷଣ ଦେଇଥିଲେ । ମଂଚର କୋଷାଧକ୍ଷ ଡା. ସୌଭାଗ୍ୟ ହୋତା ପରିଚାଳନାରେ ସହଯୋଗ କରିଥିଲେ । ପିଟକର ସଂସ୍ଥା କର୍ମଶାଳାର ବୈଷୟିକ ସହଯୋଗ କରିଥିଲେ ।

ଏହି ଅବସରରେ ମଂଚର ମୁଖପତ୍ର ପ୍ରକାଶ ପାଇଥିଲା ଓ ସମସ୍ତ ଅତିଥି ଏବଂ ପ୍ରଶିକ୍ଷକଙ୍କୁ ସମ୍ମାନିତ ଜରାଯାଇ ଥିଲା । ଏଥିରେ ବିଭିନ୍ନ ପ୍ରାନ୍ତରୁ ସାଠିଏରୁ ଉର୍ଦ୍ଧ ସଦସ୍ୟ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ ଓ ମଞ୍ଚର ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ।

# ସରକାରଙ୍କ ଘୋଷଣା ଅନୁସାରେ ମହିଳା କର୍ମଚାରୀ ଚଳିତ ବର୍ଷ ୨୦ ଦିନ ଛୁଟି ନେଇପାରିବେ

ରାଉରକେଲା, ୧୩/୦୮ (ନି.ପ୍ର): ରାଜ୍ୟ ସରକାରଙ୍କର ତତ୍କାଳୀନ ସଚିବ ଅର୍ଥବିଭାଗ ବିଶାଳ ଦେବ ମହିଳା କର୍ମଚାରୀ ମାନଙ୍କ ଲାଗି ୧୫ ଦିନ ବାଦ ଅଧିକ ୧୦ ଦିନ ଛୁଟୀର ଯେଉଁ ସୁବିଧା କରିଥିଲେ ମହିଳା କର୍ମଚାରୀ, ଶିକ୍ଷୟତ୍ରୀ ମାନେ ମୋଟ ଉପରେ ୨୦ ଦିନ ଛୁଟି ଚଳିତ ବର୍ଷ ନେଇ ପାରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ଗତ ୨୨/୩/୨୪ରେ ଆଦେଶନାମା ୬୪୬୭ ଅନୁଯାୟୀ ଏହି ନିଷ୍ପତି ନିଆଯାଇଥିଲା, ତେବେ ଏହି କଥାକୁ ନେଇ ମହିଳା କର୍ମଚାରୀ ଓ ମହିଳା ଶିକ୍ଷୟତ୍ରୀ ମାନେ ଦ୍ୱନ୍ଦରେ ଥିବା ବେଳେ ସେମାନେ ଏଥିରୁ କେତେ ସହଯୋଗ ପାଇବେ ତାକୁ ନେଇ ନାନା ପ୍ରକାର ପ୍ରଶ୍ନର ଶୀକାର ହେଉଥିଲେ, ଏପରିକି କିଛି କର୍ମଚାରୀ ମାନେ ଏହା ଭିତରୁ କିଛି ଛୁଟୀ ନେଇ ସାରିଥିବା ବେଳେ ସେମାନଙ୍କର ଅଧିକାରୀ ମାନେ ମଧ ଏନେଇ କୌଣସି ସୂଚନା ଦେଉନଥିଲେ । ତେବେ ବର୍ତମାନ ସରକାରୀ କର୍ମଚାରୀ ଓ ଶିକ୍ଷକଙ୍କର ଅଭାବ ଯୋଗୁ ଛୁଟୀ ଯେତେ କମ ବ୍ୟବହାର ହେବ ତାହା ଅଧିକାରୀ ମାନଙ୍କ ଲାଗି ସୁବିଧା , କିନ୍ତୁ ଆବଶ୍ୟକ ସ୍ଥଳେ ମହିଳା କର୍ମଚାରୀ ମାନେ ଛୁଟୀ ଲାଗି ବିକଳ ସ୍ଥିତିର ସମ୍ମୁଖୀନ ହେଉଥିଲେ । ଏନେଇ ଆଜି ରାଉରକେଲା ଶିକ୍ଷା ଧିକାରୀ ଶ୍ରୀ ପ୍ରଧାନଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ ଯେହେତୁ ଏହା ବର୍ଷ ମଝିରେ ଆଦେଶ ହୋଇଛି ତେଣୁ ଅଧିକ ୧୦ ଦିନ ଛୁଟୀକୁ ସେମାନେ ଚଳିତ ବର୍ଷ ପାଇବେ ନାହିଁ, ପୂର୍ବ ଛୁଟି ସହ ସେମାନଙ୍କୁ ଏଥିରୁ ଚଳିତ ବର୍ଷ ୫ ଦିନ ଦିଆଜିବ, ଅର୍ଥାତ ମୋଟ ଉପରେ ମହିଳା କର୍ମଚାରୀ ମାନେ ୨୦ ଦିନ ଛୁଟୀ ନେଇପାରିବେ । ଏହାଦ୍ୱାରା ହଜାର ହଜାର ଶିକ୍ଷୟତ୍ରୀ ଛୁଟୀକୁ ନେଇ ଥିବା ଦ୍ୱନ୍ଦରୁ ମୁକ୍ତି ପାଇଥିବା ବେଳେ ଏହା ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିଛି ବୋଲି ଅବସର ନେଇଥିବା ଶିକ୍ଷକମାନେ ମତ ଦେଇଛନ୍ତି ।

## କେସିଙ୍ଗାଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର

ଭବାନୀପାଟଣା, ୧୩/୦୮ (ନି.ପ୍ର): କେସିଙ୍ଗା ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍ ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ,ଭବାନୀପାଟଣା ଜୟଦେବ ଦାସଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମାଲପଡା ଖଦ୍ୟୋତ ଅନୁଷ୍ଠାନର ମାସିକିଆ ବୈଠକ

ବଲାଙ୍ଗିର, ୧୩/୦୮ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଖଦ୍ୟୋତ ର ମାସିକିଆ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଆକୁଳ ବେହେରା ବିବରଣି ପାଠ କରିଥିଲେ । ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଅପରିହାର୍ଯ୍ୟ, ସହରର ବିଭିନ୍ନ ଖାଲି ସ୍ଥାନରେ ବୃକ୍ଷରୋପଣ କରିବା ଓ ତାହାକୁ ବଂଚାଇବାର ଦାୟିତ୍ୱ ନିଜେ ନିଜେ ନେବା ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ।

ଉକ୍ତ ବୈଠକରେ ଗ୍ଲୋବାଲ ୱାର୍ମିଙ୍ଗ କୁ ଆଖି ଆଗରେ ରଖି ବିଦ୍ୟୁତ ସଙ୍କଟରୁ ରକ୍ଷା କରିବା ପାଇଁ ସୌର ଚାଳିତ ବ୍ୟାଟେରିର ବ୍ୟବହାରକୁ ଲୋକଙ୍କ ପାଖରେ ପହଂଚାଇବାର ସଚେତନତା କରେଇବା ପାଇଁ ମଧ ସଭ୍ୟମାନେ ଆଗ୍ରହ ପ୍ରକାଶ କରିଥିଲେ । ଏହି ସଭାରେ ଉପ-ସଭାପତି ରେଡକ୍ରସ ସାଧନା କର୍ମୀ ରବି ଚନ୍ଦ୍ର ପଶାୟତ, କୋଷାଧକ୍ଷ ମୀନକେତନ ମାଝି, ଜୟରାମ ପଣ୍ଡା, ହିମାଦ୍ରୀ ମିଶ୍ର, ଆଶିଷ ପଣ୍ଡା, ସତ୍ୟନାରାୟଣ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସହ-ସଂପାଦକ ରାଜେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନା ପରିଚୟ ପତ୍ରରେ ବଙ୍ଗଦେଶୀ ଅନୁପ୍ରବେଶକାରୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଘଟଗାଁ , ୧୩/୦୮ (ନି.ପ୍ର): ଆନନ୍ଦପୁର ଅଂଚଳରେ ବିନା ପରିଚୟ ପତ୍ର ରେ ବୁଲୁଛନ୍ତି ବଙ୍ଗଦେଶୀ ଅନୁପ୍ରବେଶକାରୀ ସେମାନେ ଦିନରେ ଫେରି କରୁଥିବା ବେଳେ ରାତିରେ ଚୋରି କରୁଥିବା ଭଳି ଅଭିଯୋଗ ହେଉଛି। ଏ ମାନଂକ ପରିଚୟ ପତ୍ର ଓ ଆଧାର ଯାଂଚ୍ ପାଇଁ ଆନନ୍ଦପୁର ପ୍ରଶାସନ କୁ ଆନନ୍ଦପୁର ବୁଦ୍ଧିଜିବୀ ମହଲରୁ ଦାବୀ ଦେଇଛି । ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ସହିତ ହତ୍ୟା କରାଯାଉଛି । ଏହି ଅନ୍ୟାୟ ଏବଂ ଅତ୍ୟାଚାରକୁ ବିରୋଧ କରି ରାମଚନ୍ଦ୍ରପୁର ସ୍ୱୟଂସେବକ ସଂଘ ଏବଂ ହିନ୍ଦୁ ସେନା ଦ୍ୱାରା ଶାନ୍ତପୂର୍ଣ୍ଣ ପ୍ରତିବାଦ କରାଯାଇଛି । ବାଙ୍ଗଲାଦେଶରେ ହିନ୍ଦୁଙ୍କ ହତ୍ୟା ବନ୍ଦ କରବା ସହିତ ବଙ୍ଗଦେଶୀ ଅନୁପ୍ରବେଶକାରୀଙ୍କୁ ଓଡିଶା ମନା ସହିତ ଓଡ଼ିଶାରେ ଫେରିବେପାରୀ ଚଳିବ ନାହିଁ ବୋଲି ନାରା ଦେଇଥିଲେ । ତେବେ ବିନା ତଥ୍ୟରେ ଯେଉଁ ବାଂଲାଦେଶୀ ଆନନ୍ଦପୁର ଉପଖଣ୍ଡରେ ଅଛନ୍ତି ସେମାନେ ଯଥାଶୀଘ୍ର ସମାନଙ୍କ ଦେଶକୁ ଚାଲିଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବା ବେଳେ ପ୍ରଶାସନ ଏମାନଙ୍କ ପଦଚୟ ପତ୍ର କରନ୍ତୁ ବୋଲି ଆଖ ପାଖ ଅଂଚଳର ସ୍ଥାନୀୟ ବାସିନ୍ଦା ଦାବୀ କରୁଛନ୍ତି ଏନେଇ ବେଆଇନଭାବେ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବକ ସଂଘ ପକ୍ଷରୁ ଦାବି କରାଯାଇଛି । ପ୍ରକାଶ ଆଉକି ଏମାନେ ନିଜର ପରିଚୟ ପତ୍ର ଗୋପନ ରଖି କିଏ ଫେରୀ କୁରୁଛି ତ କିଏ ଗୃହନିର୍ମାଣରେ ସାମିଲ ଅଛନ୍ତି । ଏପରିକି ସାମାନ୍ୟ ଘରଭଡା ପାଇଁ ବିନା ପରିଚୟ ଦେଉଛନ୍ତି । ଫଳରେ ସେମାନେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ସେ ଲିପ୍ତ ରହୁଥିବା ଦେଖବାକୁ ମିଳିଛି । ଏମାନଙ୍କୁ ଘର ଭଡା ଦେବା ପୂର୍ବରୁ ଘରେ କାମ କରୁଥିବା ବେଳେ ନିଜେ ଏମାନଙ୍କର ପରିଚୟ ଖୋଜନ୍ତୁ । ନଚେତ୍ ଆଗାମୀ ଦିନରେ ଏମାନଙ୍କ ପାଇଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି କୁ ଏଡାଇ ଦିଆଯାଇ ନପରେ ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଆନ୍ତର୍ଜାତୀୟ ଯୁବ ଦିବସ ଓ 'ଏଚ.ଆଇ.ଭି/ଏଡସ୍ ଓ ଯୌନ ସଂକ୍ରମିତ ରୋଗ' ନିରାକରଣ ପାଇଁ ଶୁଭାରମ୍ଭ ହେଲା ସ୍ୱତନ୍ତ୍ର ସଚେତନତା ଅଭିଯାନ




ରାଉରକେଲା, ୧୩/୮ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ "ଏଚ.ଆଇ.ଭି/ଏଡସ୍ ଓ ଯୌନ ସଂକ୍ରମିତ ରୋଗ''ର ନିରାକରଣ ପାଇଁ ଆଜିଠାରୁ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅଭିଯାନ ଦେଶର ୬୧ ହଜାର ଗାଁ ରେ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଏହି ଅଭିଯାନ ଆଜି ଓଡ଼ିଶାରେ ଶୁଭାରମ୍ଭ ହୋଇଛି । ରାଜ୍ୟର ୧୬୦୦ ଗାଁ ରେ ଏହି ଅଭିଯାନ ଆରମ୍ଭ ହୋଇଛି ।
ସ୍ଥାନୀୟ ସରକାରୀ ସ୍ୱୟଂଶାସିତ କଲେଜ, ପାନପୋଷରେ ରାଜ୍ୟସ୍ତରୀୟ ଏକ କାର୍ଯ୍ୟକ୍ରମରେ ଏହି ଅଭିଯାନର ଶୁଭାରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମହାଲିଙ୍ଗ କହିଥିଲେ ଯେ ରାଜ୍ୟରେ ଏବେ ୬୦ ହଜାରରୁ ଉର୍ଦ୍ଧ୍ୱ ଏଚ.ଆଇ.ଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।
ପରିସଂଖ୍ୟାନ ଅନୁସାରେ ଗଞ୍ଜାମ ଜିଲ୍ଲା ରେ ସର୍ବାଧିକ ଏଚ.ଆଇ.ଭି ସଂକ୍ରମିତ ରହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ବ୍ଲକର ବଡ଼ପାଲ୍ଲୀ ଗ୍ରାମ ପଂଚାୟତରେ ବ୍ୟାପକ ସଚେତନତା ଏବଂ ଏହାକୁ ଏଚ.ଆଇ.ଭି ମୁକ୍ତ ଘୋଷଣା କରିବାକୁ ପରୀକ୍ଷାମୂଳକ ଭାବେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ।
ସେ କହିଥିଲେ ଯେ ଏବେ ଏଚ.ଆଇ.ଭି ସଂକ୍ରମଣ ଯୁବବର୍ଗଙ୍କୁ କବଳିତ କରିବାକୁ ଆରମ୍ଭ କଲାଣି । ତେଣୁ ଯୁବବର୍ଗ ସଚେତନ ହେଲେ "ଏଚ.ଆଇ.ଭି/ଏଡସ୍ ଓ ଯୌନ ସଂକ୍ରମିତ ରୋଗ''ର ନିରାକରଣ ସମ୍ଭବ ହୋଇପାରିବ । ସାମାଜିକ ଗଣ ମାଧ୍ୟମ ଜରିଆରେ ଏଚ.ଆଇ.ଭି ସମ୍ବନ୍ଧୀୟ ସଚେତନତା ର ଛୋଟ ଛୋଟ ଭିଡ଼ିଓ ପୋଷ୍ଟ କରି ସଚେତନତାକୁ ବ୍ୟାପକ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ ।
ଆଜି ଏହି ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରି ସେ ଆହୁରି ମଧ କହିଥିଲେ ଯେ ଏହାର ପ୍ରଚାର ପ୍ରସାର ପାଇଁ ଜିଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ, ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ ହେଉଛି । ଏ କ୍ଷେତ୍ରରେ ସର୍ବାଧିକ ପ୍ରବଣ ଭାବେ ପରିଗଣିତ ହେଉଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ନାଟକ, ଦୌଡକୁଦ,କୁଇଜ, ଆଦି ପ୍ରତିଯୋଗୀତା ମାଧ୍ୟମରେ ସଚେତନ କରାଯାଉଛି । ଏହା ବ୍ୟତୀତ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି- ଓସାକ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି ।
କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ଶ୍ରୀ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଶ୍ରୀ ଦୁର୍ଗାଚରଣ ତନ୍ତି, ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ, ଆର.ଏମ.ସି କମିଶନର ଆଶୁତୋଷ କୁଲକର୍ଣ୍ଣି, ପାନପୋଷ ସରକାରୀ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଏବଂ ଅନ୍ୟ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ ।
ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ଆଜି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଓସାକ୍ସ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।
ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ପ୍ରଭାତରୁ ସ୍ଥାନୀୟ ଆରଜିଏଚ ରାଉରକେଲାରୁ ରେଡ ରିବନ କ୍ଲବର ଛାତ୍ରଛାତ୍ରୀମାନେ ସଚେତନତା ଶୋଭାଯାତ୍ରା କରି ଆସି ସରକାରୀ ସ୍ୱୟଂଶାସିତ କଲେଜ, ପାନପୋଷରେ ପହଂଚିଥିଲେ । ଶେଷରେ ସିଡିଏମ ଓ ପିଏଚଓ ଡାକ୍ତର ପ୍ରଶାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଓସାକ୍ସ ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡ଼ି ଏସ ଅରବିନ୍ଦ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ ପ୍ରଦାନ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ଯୁବ ରେଡକ୍ରସ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୩/୮ (ନି.ପ୍ର): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର ଠାରେ ବଲାଙ୍ଗିର ଜିଲ୍ଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ରେଡକ୍ରସ୍ ର ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଥିଲା । ମୁଖ୍ୟଅତିଥି ଜିଲ୍ଲା ଅପକ୍ରାଳିନ ଅଧିକାରୀ ଶ୍ରୀମତୀ ସସ୍ମିତା ପ୍ରଧାନ ଯୋଗଦେଇ ଜିଲ୍ଲାର ରେଡକ୍ରସକୁ କିଭଳି ସଶକ୍ତ କରାଯିବ ଏବଂ ଏଥିପାଇଁ ପ୍ରଶାସନ ସମସ୍ତ ସହଯୋଗ ପାଇଁ ସଦାସର୍ବଦା ପ୍ରସ୍ତୁତ ବୋଲି କହିଥିଲେ ।ସେହିଭଳି ସମ୍ମାନିତ ଅତିଥି ସମାଜସେବୀ ବିଷ୍ଣୁପ୍ରସାଦ କେଡ଼ିଆ କହିଥିଲେ ଯେ ମହାବିଦ୍ୟାଳୟ ସ୍ତରରେ କରାଯାଉଥିବା ଯୁବ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଜିଲ୍ଲା ପ୍ରଶାସନ ଲୋକଲୋଚନକୁ ଆଣିବା ଜରୁରି ଯାହାଦ୍ୱାରା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆହୁରି କ୍ରିୟାଶୀଳ ହେବେ, ସଭାପତି ଯୁବ ରେଡକ୍ରସ୍ ଉପଦେଷ୍ଟାମାନେ ସ୍ୱେଚ୍ଛାସେବୀ ମାନଙ୍କୁ ଉପଯୁକ୍ତ ପରାମର୍ଶ ମାଧ୍ୟମରେ ଅଧିକ ମାତ୍ରାରେ କିଭଳି ଛାତ୍ରଛାତ୍ରୀମାନେ ଏ କାର୍ଯ୍ୟକ୍ରମ ପ୍ରତି ଆକର୍ଷିତ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ କ୍ଷ ବୈଠକର ଦ୍ୱିତୀୟ ଅଧିବେଶନରେ ୨୦୨୪-୨୫ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧେ ଆଲୋଚନା ହୋଇଥିଲା ।ଏହି ସତ୍ର ରେ ଜବାହର ଲାଲ୍ ମହାବିଦ୍ୟାଳୟ, ପାଟଣାଗଡ଼ର ଅଧକ୍ଷା ଆୟେଶା ବାନୁ, ପଂଚାୟତ ସମିତି ମହାବିଦ୍ୟାଳୟ ବେଲାପଡ଼ାର ଅଧକ୍ଷ ସୁରେଶ ଚନ୍ଦ୍ର ମେହେର । କେ.ଭି ମହାବିଦ୍ୟାଳୟର ଅଧକ୍ଷ ଡ଼. ପଦ୍ମଲୋଚନ ବ୍ରହ୍ମା ମଂଚାସୀନ ହୋଇଥିଲେ ।

## ଜିଲ୍ଲା ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ପରିପ୍ରେକ୍ଷୀରେ ବୈଠକ ଓ ତ୍ରିରଙ୍ଗା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୧୩/୮ (ନି.ପ୍ର): ଆଜି ସନ୍ଧ୍ୟା ୭ଘଟିକା ସମୟରେ ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟ ବୈଠକ ଗୃହରେ ଜିଲ୍ଲା ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ତ୍ରିରଙ୍ଗା ପତାକାର ସମୟାନୁକ୍ରମେ କିପରି ରୂପ ରେଖ ବଦଳିଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୯ରୁ ୧୫ତାରିଖ ମଧ୍ୟରେ ପ୍ରତ୍ୟେକ ନାଗରିକ ସେମାନଙ୍କ ଘରେ ଜାତିୟ ପତାକା ଲଗାଇବା ପାଇଁ କରିଛନ୍ତି ବୋଲି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଥିଲେ। କାର୍ଯ୍ୟକ୍ରମ ପରିଶେଶରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ଉପସଭାପତି କମଲ ଲୋଚନ ଦାସ ଓ ମମତା ମହାପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ପ୍ରଦୀପ ପଣ୍ଡା, ସମ୍ପାଦକ ଆଶିଷ ଘୋଷ ଓ ବିଜୟ ସାହୁ , ଜିଲ୍ଲା ଗଣମାଧ୍ୟମ ସହସଂଯୋଜକ ରଣଜିତ୍ ପୃଷ୍ଟି, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ସଧାରଣ ସମ୍ପାଦକ ଜୋଗେନ୍ ରଣା, ସର୍ବେଶ୍ୱର ପାତ୍ର, ପ୍ରଦୀପ ବେହେରା, କାଉନସିଲର ନିତ୍ୟ ଗୋପାଳ ସିଂ, ରୋଜାଲିନ ପାଣି, ନିରୁପମା ଦାଶ, ପବନ ତୋଫାନ ସିଂହ, ସୌମ୍ୟ ଶଙ୍କର ଦାଶ,କୈଳାଶ ବେହେରା, ହେମନ୍ତ ମାସନ୍ତ, ରବିନ୍ଦ୍ର ସାହୁ, ମନୋଜ ପୋଦାର, କୁନା ପଡ଼ିଆରୀ , ଜୀତେନ୍ଦ୍ର ପ୍ରହରାଜ, ଦେବବ୍ରତ ମିଶ୍ର, କ୍ରିଷ୍ଣା ସାହା, କଳ୍ପଲତା ବେହେରା,କାର୍ତ୍ତିକ ଗିରି, ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବେତନଟୀ ପୂର୍ବତନ ରାଜ୍ୟସଭା ସାଂସଦ ମମତାଙ୍କ ସାହାସିକତାକୁ ଶୁଭେଚ୍ଛା ଜଣାଇଲେ ବେତନଟୀର ବିଭିନ୍ନ ସଂଗଠନ



ବେତନଟୀ ୧୩/୮ବେତନଟୀ, ବୀରତ୍ୱ ଓ ସାହସିକତାରେ ମୟୂରଭଞ୍ଜିଆ ଆଗରେ ଥିବାର ଅନେକ ପ୍ରମାଣ ଇତିହାସ ରେ ଲିପିବଦ୍ଧ । ଯଦି ପ୍ରଜାମେଳି ଆନ୍ଦୋଳନ ର ସହିଦ କଙ୍ଗା ମାଝୀ ଏବଂ କାଳିଆ ମହାନ୍ତ ଙ୍କର ନାମ କୁ ଭାରତ ଇତିହାସରେ ଯୋଡି ଦିଆ ଯାଏ ତେବେ ବୀର ମାଟି ବେତନଟୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିବ । ଅଳ୍ପ କିଛିଦିନ ପୂର୍ବରୁ ଏକା ଥରକେ ରାଜ୍ୟସଭା ପଦ ଓ ବିଜୁ ଜନତାଦଳ ଛାଡି ସାହସିକତାର ପରିଚୟ ସୃଷ୍ଟି କରିଥିବା ପୂର୍ବତନ ସାଂସଦ ମମତା ମହାନ୍ତ ଙ୍କୁ ବେତନଟୀର ବିଭିନ୍ନ ସଂଗଠନ ତରଫରୁ ସାହସିକତାକୁ ସମ୍ମାନ ଜଣାଇବା ପୂର୍ବକ ଶୁଭେଚ୍ଛା ପ୍ରଦାନ କରାଯାଇଛି । ବେତନଟୀର ବଙ୍ଗଳାଛକ ଠାରେ କବି ମନୋଜ କୁମାର ମହାନ୍ତଙ୍କ ଆବାହକତ୍ୱରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ବଙ୍ଗଳାଛକ ଦୁର୍ଗାପୂଜା କମିଟି, ବୀଣାପାଣି ଯୁବକ ସଂଘ, ବେତନଟୀ କ୍ରିକେଟ କ୍ଲବ, ବୀର ସହିଦ କାଳିଆ ମହାନ୍ତ ସ୍ମୃତି କମିଟିର ସଦସ୍ୟ ଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଇଂ ଅନୁପ ଦଣ୍ଡପାଟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଛନ୍ତି । ସେ ନିକଟ ଅତୀତରେ ବିଜେପିରେ ଯୋଗଦାନ କରି ଥିବାରୁ ବିଜେପି ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା ଓ ଅନ୍ୟ କାର୍ଯ୍ୟକର୍ତ୍ତା ଖୁସିବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଗକୁ ଥିବା ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ଅତିଥି ରୂପେ ଯୋଗ ଦେବାପାଇଁ ଅନୁରୋଧ କରିଥିଲେ ଉପସ୍ଥିତ ଥିବା ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାମ୍ବାଦିକ ଗଣ । ଅନ୍ୟମାନଙ୍କ ମଧ୍ୟରେ ବୀରକିଶୋର ବିଶ୍ୱାଳ, ଅଶୋକ ମହାନ୍ତ, ମନୋଜ ପଣ୍ଡା, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ସାମ୍ବାଦିକ ହରିଶ୍ଚନ୍ଦ୍ର ସାମଲ, ବଳରାମ ଟୁଡୁ, ଚନ୍ଦ୍ର ଶେଖର ବେରା, ରାକେଶ ମହାନ୍ତ, ଅରୂପ ରଞ୍ଜନ ଲେଙ୍କା ପ୍ରମୁଖ ଶୁଭେଚ୍ଛା ପ୍ରଦାନ କରିବା ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିବାର ଦେଖିବାକୁ ମିଳିଛି । ପରିଶେଷରେ ପୂର୍ବତନ ସାଂସଦ ମମତା ମହାନ୍ତ 'ଜୟ ଗୋରାମ' କହି ଉପସ୍ଥିତ ଥିବା ସମସ୍ତ ଧନ୍ୟବାଦ ଜଣାଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ।

## ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୧୩/୮ (ନି.ପ୍ର): ଆଗାମୀ ୧୫ ଅଗଷ୍ଟ ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ୧୩ ଅଗଷ୍ଟ ମଙ୍ଗଳବାର ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ପଦଯାତ୍ରାରେ ସ୍କୁଲ ପିଲା, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ନିର୍ବାଚନ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ଲକର କର୍ମଚାରୀଙ୍କ ଯୋଗଦାନରେ ବ୍ଲକ ପରିସରରୁ ସମସ୍ତେ ଜାତୀୟ ପତାକା ଧରି ସ୍ୱାଧନ ଭାରତର ମହାପୁରୁଷ, ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବୀର ପୁରୁଷଙ୍କ ନାମରେ ସ୍ଲୋଗାନ ଦେଇ ବ୍ଲକ ଛକ, ପାରୁଳିଆ ଛକ, ଜାମକୁଣ୍ଡା ଛକ, ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ଦେଇ ପୁଣି ବ୍ଲକ ପରିସରରେ ପହଞ୍ଚି ଥିଲେ ।ଏବଂ କାର୍ଯ୍ୟକ୍ରମ ବିଷୟରେ ବିଡ଼ିଓ ଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତ ନାୟକ, କାର୍ଯ୍ୟକ୍ରମ ପ୍ରମୁଖ ରବୀନ୍ଦ୍ର ନାଥ ଅଣ୍ଡିଆ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ,ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତା ୧୪ ତାରିଖରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବା ସହିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିକୁ ପରିସରକୁ ସଫେଇ କରି ସଫା କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ପାଳନ ସହିତ ଦେଶାତ୍ମକ ସଂଗୀତରେ ପିଲା ମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଡ଼ିଓ ଶ୍ରୀ ପଣ୍ଡା କହିଛନ୍ତି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ୨୦୩୬ ସୁଦ୍ଧା ଭାରତର ...

କୁହାଯାଇଛି ଯେ ୨୦୨୦ରେ ନିରକ୍ଷରଙ୍କ ପିଲା ଜନ୍ମ କରିବାର ହାର ୩୩.୯% ଥିବା ବେଳେ ଶିକ୍ଷିତ ଜନସଂଖ୍ୟାଙ୍କ କ୍ଷେତ୍ରରେ ଏହା ୧୧% ଥିଲା। ଶିଶୁ ମୃତ୍ୟୁହାର ମଧ ହ୍ରାସ ପାଇଥିବର ରିପୋର୍ଟରେ ଦାବି କରାଯାଇଛି। ଭାରତର ପୁରୁଷ ଓ ମହିଳାଙ୍କ ସ୍ଥିତି ସମ୍ପର୍କରେ ରିପୋର୍ଟରେ ବିସ୍ତୃତ ଭାବେ ତଥ୍ୟ ରହିଛି। ଜନସଂଖ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟିକ ଯୋଗଦାନ ଓ ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳା-ପୁରୁଷଙ୍କ ସଂଖ୍ୟା ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ବିଭାଗ ଜାନୁଆରୀ ୨୦୧୬ରୁ ୨୦୨୩ ଡିସେମ୍ବର ମଧ୍ୟରେ ମୋଟ ୧,୧୭,୨୫୪ଟି ସଂସ୍ଥାକୁ ଷ୍ଟାର୍ଟଅପ୍ ମାନ୍ୟତା ଦେଇଛି। ଏଥିମଧ୍ୟରୁ ୫୫,୮୧୬ଟି ଷ୍ଟାର୍ଟଅପ୍ ମହିଳାମାନଙ୍କ ଦ୍ୱାରା ପରିଚାଳିତ, ଯାହା ମୋଟ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପର ୪୭.୬%।

### ସୁଭଦ୍ରା ଯୋଜନା ପାଇଁ ...

ମାତ୍ର ଏହାକୁ ଅଧିକ ତ୍ରୁଟିମୁକ୍ତ ତଥା ଦକ୍ଷ କରିବା ନିମନ୍ତେ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନିଆଯାଉଛି। ସେ କହିଛନ୍ତି, ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାକୁ ଲାଗୁ କରିବାକୁ ଆମେ ସଙ୍କଳ୍ପପତ୍ରରେ ଘୋଷଣା କରିଥିଲୁ। ତେଣୁ ତାହାକୁ ଲାଗୁ କରିବା ପୂର୍ବରୁ ବୁଦ୍ଧିଜୀବୀଙ୍କ ମତ ନିଆଯିବ। ସାରା ରାଜ୍ୟରେ ୧୦ଟି କ୍ଲଷ୍ଟରରେ ଲୋକମାନଙ୍କଠାରୁ ମତାମତ ନିଆଯାଉଛି। ଲୋକମାନେ ଯାହା ମତାମତ ଦେବେ, ସେହି ହିସାବରେ ସଂଶୋଧନ କରାଯିବ। ଆସନ୍ତା ୧୪ ତାରିଖ ସୁଦ୍ଧା କଲେକ୍ଟରଙ୍କ ପାଖରୁ ଫିଡବ୍ୟାକ୍ ନିଆଯିବ। ଏହାପରେ ଉପରିସ୍ଥ ବିଭାଗୀୟ ଅଧିକାରୀ ବସି ପୁଣି ଥରେ ତର୍ଜମା କରାଯିବ। ଲୋକଙ୍କ ମତ ପରେ ଏସ୍‌ଓପିରେ ସଂଶୋଧନ ହୋଇ ତାହାକୁ ସାର୍ବଜନୀନ କରାଯିବ। ପଛରେ ସମାଲୋଚନା କରିବା ଅପେକ୍ଷା ଏବେ ଯୋଜନାରେ ସୁଧାର ପାଇଁ ଆସୁଥିବା ପରାମର୍ଶକୁ ଆମେ ଗ୍ରହଣ କରୁଛୁ ବୋଲି କହିଛନ୍ତି ମନ୍ତ୍ରୀ। ମା' ସୁଭଦ୍ରା ହେଉଛନ୍ତି ମହିଳା ଶକ୍ତିର ପ୍ରତୀକ। ସୁଭଦ୍ରା ଯୋଜନାର ଏସଓପି ଚୂଡ଼ାନ୍ତ ହୋଇ ନ ଥିବା ବେଳେ ଗୋଟିଏ ଘରୁ ଅଧିକ ହିତାଧିକାରୀ ବି ଏହି ଯୋଜନାରେ ସାମିଲ ହୋଇ ପାରିବେ। ମାତ୍ର କେଉଁ ହିତାଧିକାରୀ ଏହାକୁ ପାଇବାକୁ ଯୋଗ୍ୟ ତାହା ସ୍ଥିର କରାଯାଇନି ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା। ସୁଭଦ୍ରା ଯୋଜନା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ସେମାନଙ୍କ ସୁବିଧା ନିମନ୍ତେ ଏହାକୁ ଖୁବ୍ ସରଳ କରାଯିବ। ସୁଭଦ୍ରା ଯୋଜନାରେ ସବୁବେଳେ ହିତାଧିକାରୀ ନିଜ ନାମ ପଞ୍ଜୀକୃତ କରିପାରିବେ। ନିଜ ଅଭିଯୋଗ ଜଣାଇପାରିବେ। ଫର୍ମ ଅଧିକ କଠିନ ହେବନି, ଏହାକୁ ଖୁବ୍ ସରଳ କରିବାକୁ ଚେଷ୍ଟା କରାଯାଉଛି। ଯେପରି ସାଧାରଣ ଲୋକେ ନିଜେ ଏହି ଫର୍ମ ଫିଲଅପ୍ କରି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। ସାମାନ୍ୟ ବିଳମ୍ବ ହେଲେ ବି ଏହାକୁ ତ୍ରୁଟିମୁକ୍ତ କରାଯିବା ସହ ଅଧିକରୁ ଅଧିକ ମହିଳା ହିତାଧିକାରୀ କିପରି ଏହି ଯୋଜନାର ଲାଭ ଉଠାଇ ପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି କହିଛନ୍ତି ମନ୍ତ୍ରୀ।

### ଏସ୍‌ସିବିରେ ରୋଗୀଙ୍କୁ ...

ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତଙ୍କ ଦୁଇ ସମ୍ପର୍କୀୟ (ଯେଉଁମାନେ ଏସ୍‌ସିବି ମେଡିକାଲ୍‌ରେ ଅଣ୍ଡର ଗ୍ରାଜୁଏଟ୍ ଡାକ୍ତରୀ ପାଠ ପଢୁଛନ୍ତି) ଏ ସମ୍ପର୍କରେ ଜାଣିପାରି ସମ୍ପୃକ୍ତ ଡାକ୍ତରଙ୍କୁ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଯେଉଁଥିପାଇଁ ଡାକ୍ତର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେହି ମେଡ଼ିକାଲ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଡାକ୍ତରଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ୍ ମାମଲା ରୁଜୁ କରୁଛି। ଦୁଇ ପୀଡ଼ିତଙ୍କ ସମ୍ପର୍କୀୟମାନେ ଏନେଇ ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କମିଶନରେଟ୍ ପୁଲିସ୍ ମାମଲା ରୁଜୁ କରି ଡାକ୍ତର ଠାକୁର ଦିଲବାଗ ସିଂଙ୍କୁ ଗିରଫ କରିଛି। ଏଥିସହ ଦୁଇ ପୀଡ଼ିତାଙ୍କ ୧୬୧ ଧାରାରେ ବୟାନ ରେକର୍ଡ କରାଯାଇଥିବା ବେଳେ, ଆସନ୍ତକାଲି ୧୬୪ ଧାରାରେ ବୟାନ ରେକର୍ଡ କରାଯିବ। ସେପଟେ ଏହି ଘଟଣାର ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରିଛି ସ୍ୱାସ୍ଥ୍ୟ ବିଭାଗ। କମିଟିରେ ଡିଏମଇଟି ସନ୍ତୋଷ ମିଶ୍ର, ଏସସିବି ଅଧୀକ୍ଷକ ସୁଧାଂଶୁ ମିଶ୍ର ଓ ଯୁଗ୍ମ ଡିଏମଇଟି ରୋମା ରତନ ରହିଛନ୍ତି।

### ଶ୍ରୀକ୍ଷେତ୍ରକୁ ଗମନା ଗମନା ...

କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗଡ଼କରୀଙ୍କ ସହ ମିଟିଂରେ ଆଉ କିଛି ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସାରା ଓଡ଼ିଶାକୁ ଅଣ୍ଡାକୃତିର ରିଂ-ରୋଡ୍ ପାଇଁ ମୋହନ ମାଝୀଙ୍କ ପ୍ରସ୍ତାବ ରହିଛି। ଜୟପୁରରୁ ନୂଆପଡ଼ା-ଝାରସୁଗୁଡ଼ା-ସମ୍ବଲପୁର-କେନ୍ଦୁଝର ଏବଂ କେନ୍ଦୁଝରରୁ ଜଳେଶ୍ୱର-ବାଲେଶ୍ୱର-ପୁରୀ ହୋଇ ରାମେଶ୍ୱରମ ଯିବ ଏହି ରାସ୍ତା। ମୋଟୁରୁ ତିରିଂ ପର୍ଯ୍ୟନ୍ତ ୯୬୯ କିଲୋମିଟର ରାସ୍ତା, ନୂଆପଡ଼ା-ଅସ୍ତରଙ୍ଗ ଏବଂ ସମ୍ବଲପୁର-ସାତଭାୟା ରାସ୍ତା ପାଇଁ ମଧ ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୫୦୦୦ କୋଟି ଟଙ୍କା ମୂଲ୍ୟରେ ୪ଟି ପ୍ରକଳ୍ପ ଉପରେ ସହମତି ହୋଇଛି। ଏହି ପ୍ରକଳ୍ପଗୁଡିକ ପାଇଁ ଉଚଜ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଗଲା। ସେହି ପ୍ରକଳ୍ପ ଗୁଡ଼ିକ ହେଲା; କୋରାପୁଟ - ପୋଡୋମାରି ପ୍ରକଳ୍ପ( ଜାତୀୟ ରାଜପଥ-୩୨୬) (୨୪୬ କିମି)ର ଦୁଇ ଲେନିଂ ପାଇଁ ୨୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି ଅଧୀନରେ ଚଳିତ ବର୍ଷ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ପାଇଁ ସେତୁ ବନ୍ଧନ ଯୋଜନା ଅଧୀନରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତି ପାଇଁ ୩୪୦୦ କୋଟି ଟଙ୍କାର ଉଚଜ ଦାଖଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାରୁ ପ୍ରକାଶ, ଆଜି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟିଥିଲେ। ରାଜ୍ୟରେ ୫୧ଟି ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଭାଗୀୟ ଅଧିକାରୀମାନେ ଯାଇଥିଲେ। ଓଡ଼ିଶାର ଗମନାଗମନ କ୍ଷେତ୍ରର ଉନ୍ନତି ପାଇଁ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ପାଇଁ ଗଡକରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ...

ରାଷ୍ଟ୍ର ନିର୍ମାଣ ସହ ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜୀବନ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ବଡ ଦାୟିତ୍ୱ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ସ୍ୱାଧୀନତା, ବିଶ୍ୱସନୀୟତା ଏବଂ ପ୍ରଶାସନିକ ଦକ୍ଷତା ଦ୍ୱାରା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଥିଲେ। ଡ. ପ୍ରାଣକୃଷ୍ଣ ପରିଜା, ପ୍ରଫେସର ଶ୍ରୀରାମ ଦାଶ, ପ୍ରଫେସର ଚିନ୍ତାମଣି ଆଚାର୍ଯ୍ୟ, ଡ. ସଦାଶିବ ମିଶ୍ର ଏବଂ ଡା. ମହେନ୍ଦ୍ର କୁମାର ରାଉତଙ୍କ ପରି ବ୍ୟକ୍ତି ବିଶେଷମାନେ ସ୍ୱାଭିମାନୀ ଏବଂ ସ୍ୱାଧୀନ ଶିକ୍ଷାବିତ୍ ଭାବେ ଦୃଢ଼ ଭାବେ ନିଜକୁ ଉପସ୍ଥାପିତ କରିଛନ୍ତି। ତେଣୁ ରାଜ୍ୟର ଶିକ୍ଷାବିତ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରିବା ପାଇଁ ପୂର୍ବ ସରକାର କରିଥିବା ପ୍ରୟାସକୁ ତୁରନ୍ତ ବା ଅବିଳମ୍ବେ ପୁନର୍ବିଚାର କରାଯିବା ଜରୁରୀ। ୟୁଜିସିର ନିୟମାବଳୀ ବ୍ୟାପକ ବିଚାରବିମର୍ଶ ଆଲୋଚନା ପରେ ପ୍ରସ୍ତୁତ କରାଯାଏ ଏବଂ ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ସମ୍ମାନ ଦେଇ ଶୈକ୍ଷିକ ମାନରେ ସମାନତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ। ଯଦି କୌଣସି ଆଇନଗତ ଢାଞ୍ଚା ଯାହା ଏହି ନିୟମାବଳୀକୁ ଅଣଦେଖା କରେ, ତାହା ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ପରିର୍ତ୍ତନ ଆଣିବା ସହ ଶିକ୍ଷାର ଗୁଣାତ୍ମକ ମାନ ଏବଂ ଶିକ୍ଷାବିତଙ୍କ ସମ୍ମାନ ଉପରେ ମଧ ପ୍ରଭାବ ପକାଇଥାଏ। ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ଉପରୋକ୍ତ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନରେ ଯେଉଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି, ତାହା କେବଳ ୟୁଜିସିର ଏହି ନିୟମାବଳୀ ସହ ଅସଙ୍ଗତ ନୁହେଁ ବରଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ନ୍ୟାୟିକ ନିର୍ଦ୍ଦେଶକୁ ମଧ ଅଣଦେଖା କରୁଛି। ଏହାବ୍ୟତୀତ ସଂଶୋଧିତ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ସିଣ୍ଡିକେଟ୍ ଗଠନରେ କୁଳାଧିପତି ଓ ସରକାରୀ ଅଧିକାରୀଙ୍କ ବହୁ ସଂଖ୍ୟକ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବା ଶିକ୍ଷାବିତ୍ ମହଲରେ ଉଦବେଗ ସୃଷ୍ଟି କରିଛି। ଏହି ସଂଶୋଧନ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ଅତ୍ୟଧିକ ସରକାରୀ ନିୟନ୍ତ୍ରଣ ସୃଷ୍ଟି କରିପାରେ, ଯାହାକି ଶିକ୍ଷକଙ୍କ ସ୍ୱାଧୀନତାକୁ ଅଣଦେଖା କରିବ। ସେହିପରି ଏହି ଆଇନ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଏବଂ ଶୈକ୍ଷିକ ଅଖଣ୍ଡତା ବଜାୟ ରଖିବାର କ୍ଷମତାକୁ କ୍ଷୁର୍ଣ୍ଣ କରିପାରେ ବୋଲି ଶିକ୍ଷାବିତ ସମ୍ପ୍ରଦାୟ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ସ୍ୱାୟତ୍ତତାର ଏହି ଅବକ୍ଷୟ ଶିକ୍ଷାନୁଷ୍ଠାନ ସହ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଶିକ୍ଷାର ଗୁଣବତ୍ତାର ମାନ ଉପରେ ମଧ ପ୍ରଭାବ ପଡିବ। ୟୁଜିସି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନିୟମ ଆଧାରରେ ଶିକ୍ଷାନୁଷ୍ଠାନର ସନ୍ତୁଳନ ବଜାୟ ରଖି ୟୁଜିସିର ନିୟମାବଳୀରେ କାର୍ଯ୍ୟ କରିବା ଆବଶ୍ୟକ। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ରାଜ୍ୟ ଗୁରୁତ୍ୱର ସହ ନେଇ ପଦକ୍ଷେପ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

### ଅଗଷ୍ଟ ୨୨ରେ...

ନିଆଯାଇଛି। ଆମେ ସର୍ବସମ୍ମତିକ୍ରମେ ଦେଶବ୍ୟାପୀ ଦୁଇଟି ଦାବି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ। ଗୋଟିଏ ହେଲା ପ୍ରଧାନମନ୍ତ୍ରୀ ସଂପୂର୍ଣ୍ଣ ଭାବେ ଜଡ଼ିତ ଥିବା ଆଦାନି ମେଗା ସ୍କାମର ଜେପିସି ତଦନ୍ତ ଓ ଅନ୍ୟଟି ହେଲା ଏହି ଦୁର୍ନୀତି ପାଇଁ ଆର୍ଥିକ ବଜାର ଅଧିନିୟମରେ କରାଯାଇଥିବା ସାଂଘାତିକ ଭାବେ ବୁଝାମଣା। ଏହି ଦୁଇଟି ପ୍ରସଙ୍ଗରେ ଆସନ୍ତା ୨୨ ତାରିଖରେ କଂଗ୍ରେସ ଦେଶବ୍ୟାପୀ ବିକ୍ଷୋଭ କରିବ।" ଶନିବାର ହିଣ୍ଡେନବର୍ଗ ଆଦାନି ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲା। ଆମେରିକାର ଶର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ସଂସ୍ଥା ରିସର୍ଚ୍ଚରେ କହିଛି ଯେ ଆଦାନି ଗ୍ରୁପର ସ୍କାମରେ ଜଡ଼ିତ ବିଦେଶୀ କମ୍ପାନିରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଲ ବୁଚଙ୍କ ଅଂଶଧନ ରହିଛି। ଆଦାନୀ ଗ୍ରୁପର ବିଦେଶୀ ଅଂଶଧନ ସମ୍ପର୍କରେ ତଦନ୍ତ ପାଇଁ ସେବି ଯଥେଷ୍ଟ ଆଗ୍ରହ ନ ଦେଖାଇବାର ଏହା ଏକ କାରଣ ବୋଲି ହିଣ୍ଡେନବର୍ଗ ରିସର୍ଚ୍ଚ ଦାବି କରିଥିଲା। ଏହାକୁ ନେଇ ସେବି ମୁଖ୍ୟ ଏବଂ ତାଙ୍କ ସ୍ୱାମୀ ପ୍ରତିକ୍ରିୟା ରଖି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ବଦନାମ କରିବାକୁ ଚେଷ୍ଟା ଚାଲିଛି ବୋଲି କହିଥିଲେ। ସେହିପରି ଆଦାନି ଗ୍ରୁପ୍ ମଧ ହିଣ୍ଡେନବର୍ଗର ରିପୋର୍ଟକୁ ବ୍ୟକ୍ତିଗତ ଫାଇଦା ଉଦ୍ଦେଶ୍ୟରେ କରାଯାଇଥିବା କହିଥିଲା। ଏସବୁ ସଫେଇ ସତ୍ତ୍ୱେ ଆଜି ଶେଆର ବଜାରରେ ଆଦାନି ଗ୍ରୁପ୍ ଉପରେ ପ୍ରଭାବ ପଡ଼ିଛି। ଏବେ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି।

ବୁଧବାର, ୧୪ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାସ୍ତରୀୟ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ: ତ୍ରିରଙ୍ଗା ଯାତ୍ରାରେ ସାଇକେଲ ଓ ମୋଟର ସାଇକେଲ

ଭଦ୍ରକ, ୧୩/୮ (ନି.ପ୍ର): ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶ ତମାମ୍ ପାଳିତ ହେଉଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ବିଶାଳ ସାଇକେଲ ଓ ମୋଟର ସାଇକେଲରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଦୀଲିପ୍ ରାଉତରାଏ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତ୍ରିରଙ୍ଗା କାନଭାସ୍‌ରେ ଘରେ ଘରେ ତ୍ରିରଙ୍ଗା, ଜୟହିନ୍ଦ୍ ଲେଖି ତ୍ରିରଙ୍ଗା ପ୍ରଦର୍ଶନ ପୂର୍ବକ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡି.ପି.ସି. ମିଶନ୍ ଶକ୍ତି ଅଭିକ୍ ନାରାୟିନ, ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମିଶନ୍ ଶକ୍ତି ମହିଳା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଭଦ୍ରକ କ୍ରୀଡ଼ାନୁଷ୍ଠାର ଖେଳାଳୀ, ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ଏବଂ ଅନୁଷ୍ଠାନର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ।



# ବିଜେପି ଯୁବମୋର୍ଚ୍ଚା ତରଫରୁ ବସ୍ତାରେ ବିଶାଳ ତ୍ରିରଙ୍ଗା ଯାତ୍ରା ଓ ସୈନିକଙ୍କୁ ମାନପତ୍ର

ବସ୍ତା , ୧୩/୮ (ନି.ପ୍ର): ସ୍ୱାଧୀନତା ଦିବସର ୭୮ବର୍ଷ ପୂର୍ତ୍ତି ଅବସରରେ ଆଜି ଅପରାହ୍ନରେ ବିଜେପି ଯୁବମୋର୍ଚ୍ଚା ଆନୁକୂଲ୍ୟରେ ଏକ 'ବିଶାଳ ତ୍ରିରଙ୍ଗା ଯାତ୍ରା' ଅନୁଷ୍ଠିତ ହୋଇଯାଇଅଛି।୧୦୦ ମିଟର ଲମ୍ବ ଏକ ତ୍ରିରଙ୍ଗା କୁ ନେଇ ଶତାଧିକ କର୍ମୀ ସୁସଜ୍ଜିତ ମାନରେ ଦେଶାତ୍ମବୋଧକ ଗୀତ ସହ ସହୀଦ ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ଗାନ୍ଧୀଛକ ନିକଟରେ ପହଞ୍ଚିଥିଲା। ସେଠାରେ ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଦେବାପରେ ସମ୍ବର୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଧିରେନ ସେଠୀଙ୍କ ସଭାପତିତ୍ୱରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ଉପସଭାପତି ରାଜେନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା,ଗତ ବିଧାନସଭା ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ,କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ ସାହୁ,ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା ପ୍ରମୁଖ ବୀର ସୈନିକ ଓ ସ୍ୱାଧୀନତା ସଂଗ୍ରାମୀ ଙ୍କୁ ସମ୍ବର୍ଦ୍ଧିତ କରି ଉତ୍ତରୀୟ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜୈନ,ରଞ୍ଜନ ମହାନ୍ତି, ବସନ୍ତ ବାରିକ, କମଳ ଦତ୍ତ, ଗଗନ ସାହୁ, ଦେବାନନ୍ଦ ପିଳା, ପ୍ରକାଶ କୁଣ୍ଡୁ ପ୍ରମୁଖ ମଞ୍ଚାସୀନ ଥିଲେ।ଚନ୍ଦନ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।




# ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଉଡାଣ ଛାତ୍ର ବୃତ୍ତି ପ୍ରଦାନ: ୧୫୯ ଜଣ ଛାତ୍ରଛାତ୍ରୀଙ୍କୁ ୫୧. ୧୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ପାରାଦ୍ୱୀପ, ୧୩/୮ (ନି.ପ୍ର): ଜଗତସିଂପୁର ଜିଲ୍ଲା ଏରସମା ଅନ୍ତର୍ଗତ ନୂଆଗାଁ ଠାରେ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ଉଡାଣ ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜେ ଏସ ଡ ବ୍ଲୁ ଫାଉଣ୍ଡେସନର ସ୍ଥାନୀୟ ଇଲର୍ଣ୍ଣିଙ୍ଗ କେନ୍ଦ୍ରରେ ଆୟୋଜିତ ଏକ ଉତ୍ସବରେ ୧୧୦ ଜଣ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଥିଲା।ଏହି ଅବସରରେ ଜେ ଏସ ଡ ବ୍ଲୁ ଫାଉଣ୍ଡେସନର ଅଧିକାରୀ ଓ ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ସୁରଜ କୁମାର ମିଶ୍ର ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା ଯୋଗ ଦେଇ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। । ଜେଏସଡବ୍ଲ୍ୟୁ ଉଡାଣ ଛାତ୍ର ବୃତ୍ତି ହେଉଛି ଜେ ଏସ ଡ ବ୍ଲୁ ଫାଉଣ୍ଡେସନର ସବୁଠୁ ଅଧିକ ଲୋକପ୍ରିୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଯେଉଁ ମେଧାବୀ ଛାତ୍ରଛାତ୍ରୀ ମାନେ ଆର୍ଥିକ ସମସ୍ୟା ପାଇଁ ଉଚ ଶିକ୍ଷରୁ ବଞ୍ଚିତ ହେଉଛନ୍ତି, ସେହି ମାନଙ୍କ ପାଇଁ ଏହି ଉଡାଣ ଛାତ୍ରବୃତ୍ତି ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯିବାର ଲକ୍ଷ୍ୟ ରହିଛି। ଜଗତସିଂହପୁର ଜିଲ୍ଲାରେ ୨୦୨୧-୨୨ ରୁ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ୨୯୩ ଜଣ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ୮୯. ୩୫ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରାଯାଇଛି। ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡା, କେଉଁଝର, ଓ ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ୭୩୩ ଜଣ ଛାତ୍ରଛାତ୍ରୀ ଙ୍କୁ ୧କୋଟି ୯୩ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରା ଯାଇଛି। ସମୁଦାୟ ବିଗତ ତିନି ବର୍ଷ ମଧ୍ୟରେ ଏହି ଉଡାଣ ଛାତ୍ର ବୃତ୍ତି ମାଧ୍ୟମରେ ୧୨୨୬ ଜଣ ଛାତ୍ରଛାତ୍ରୀଙ୍କୁ ୩ କୋଟି ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। । ଚଳିତ ୨୦୨୩ପ୨୪ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୫୯ ଜଣ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ପାରାଦ୍ୱୀପ ସହରାଞ୍ଚଳରୁ ଯୋଗ୍ୟ ବିବେଚିତ ୪୯ ଜଣ ଛାତ୍ରଛାତ୍ରୀଙ୍କୁ ଚଳିତ ମାସ ୧୪ ତାରିଖରେ ସ୍ଥାନୀୟ ପାରାଦୀପ ଟରମିନାଲ ପ୍ରାଇଭେଟ ଲିମିଟେଡ୍ କାର୍ଯ୍ୟାଳୟ ପରିସର ରେ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। । ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ଗୁରୁକୁଳ ଫାଉଣ୍ଡେସନ ସହାୟତରେ ସ୍ଥାନୀୟ ନୂଆଗାଁ ଠାରେ ଇ ଲର୍ଣ୍ଣିଙ୍ଗ ଓ ବ୍ୟକ୍ତିତ୍ୱ ବିକାଶ ସେଣ୍ଟର ଅଧୀନରେ ଚଳିତ ବର୍ଷ ୧୨୦ ଜଣ ଛାତ୍ରଛାତ୍ରୀ ତାଲିମ ନେଉଥିବା ବେଳେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୫୦ ଜଣଙ୍କୁ ତାଲିମ ଦେବାର ଲକ୍ଷ୍ୟ ରହିଛି।ଏହି ଅବସରରେ ଇ ଲର୍ଣ୍ଣିଙ୍ଗ ସେଣ୍ଟରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ତଦନ୍ତ କରିବ ସିବିଆଇ

କୋଲକାତା, ୧୩/୮ (ନି.ପ୍ର): ଆରଜି କର ମେଡିକାଲ କଲେଜରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋଲକାତା ହାଇକୋର୍ଟ ବଡ ନିଷ୍ପତି ଶୁଣାଇଛନ୍ତି । କୋର୍ଟ ସିବିଆଇକୁ ମାମଲାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟ ବିଚାରପତି ଟି.ଏସ ଶିବଗଣନମ ଏହାସହିତ ଜଡିତ କେସ ଡାଏରୀକୁ ଅନୁଧ୍ୟାନ ପରେ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏହା ନିର୍ଦ୍ଦେଶ ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କୁ ମାମଲା ସହିତ ସଂବଧିତ ସମସ୍ତ ତଥ୍ୟ ଓ ଦସ୍ତାବିଜ ସିବିଆଇକୁ ହସ୍ତାନ୍ତର କରିବାକୁ ପଡିବ । ଏହା ବ୍ୟତୀତ ପୋଲିସ ପକ୍ଷରୁ ଏକତ୍ରିତ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ ବି ସିବିଆଇକୁ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ହଳଦୀପଦା-ସୋଲପଟା ରାସ୍ତା ଅବସ୍ଥା ବେହାଲ: ଦୈନନ୍ଦିନ ଘଟୁଛି ୨ ରୁ ୩ ଦୁର୍ଘଟଣା

ରୂପସା , ୧୩/୮ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା-ସୋଲପଟା ରାସ୍ତା ଏବେ ମରଣାଯନ୍ତା ପାଲଟିଛି । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅନେକ ସ୍ଥାନ ଖାଲଖମା ସୃଷ୍ଟି ହେବା ଯୋଗୁ ଦୈନନ୍ଦିନ ୨ ରୁ ୩ଟି ଛୋଟବଡ଼ ଦୁର୍ଘଟଣା ଘଟୁଛି। ମାତ୍ର ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଅଞ୍ଚଳବାସୀ ବହୁବାର ପିଡ଼ବ୍ଲ୍ୟୁଡ଼ି ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ପରେ ବି ରାସ୍ତା ମରାମତି ହୋଇପାରୁନାହିଁ। ଉକ୍ତ ରାସ୍ତାଟି ୧୬ ନମ୍ବର ଜାତୀୟ ରାଜପଥର ହଳଦୀପଦା ବାଇପାସରୁ ସୋଲପଟା ଛକ ଦେଇ ବାହାବଳପୁର ମୁହାଣ ସମେତ ଛାନୁଆ, ସାର୍ଥା, କଷାଫଳ, କୁଣ୍ଡୁଳି ଛକ ଦେଇ ଦରଡ଼ା,ଗଞ୍ଜା ଛକ ଦେଇ ଲଙ୍ଗଳେଶ୍ୱର ଆଦିକୁ ଲମ୍ବିଛି। କଷାଫଳ ଓ ବାହାବଳପୁର ସାମୁଦ୍ରିକ ମୁହାଣରୁ ବହୁ ସଂଖ୍ୟକ ପିକଅପ୍ ଓ କଣ୍ଟେନରରେ ମାଛ ବୋଝେଇ ହୋଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ଯାତାୟାତ କରିଥାଏ। ଏଣୁ ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ଭାରିଯାନ ଯାତାୟତ କରିବା ଫଳରେ ରାସ୍ତାର ସ୍ଥାନେ ସ୍ଥାନେ କଂକ୍ରିଟ ଫାଟି ଆଁ ହେବା ସହ ଖାଲଖମକ୍ଷ ରେ ପୂର୍ଣ୍ଣ ହୋଇଛି । କଂକ୍ରିଟର ମଧଭାଗର ଫାଙ୍କା ଧାରରେ ବାଇକର ଆଗ ଚକା ପଡ଼ି ଅନେକ ସମୟରେ ବାଇକ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।ବିଶେଷ କରି ସୋଲପଟା ପେଟ୍ରୋଲ ଟାଙ୍କି ଠାରୁ ସୋଲପଟା ବଜକ୍ଷର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି। ତେବେ ଗତକାଲି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସମାନ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ପୂର୍ବରୁ ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଅଞ୍ଚଳବାସୀ ବହୁବାର ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ପରେ ବି ରାସ୍ତା ମରାମତି ହୋଇପାରୁନାହିଁ। ଏଣୁ ଆଗାମୀ ଦିନରେ କୌଣସି ବଡ଼ ଦୁର୍ଘଟଣା ଘଟି ଜୀବନହାନି ହେବା ପୂର୍ବରୁ ରାସ୍ତା ମରାମତି ଦିଗରେ ପୂର୍ତ୍ତ ବିଭାଗ ତତ୍ପର ହେବାକୁ ସାଧାରଣରେ ଦାବି ହେଉଛି ।



# ଶ୍ରାବଣରେ ଶିବ କଥା ଆୟୋଜିତ

ବାଲେଶ୍ୱର, ୧୩/୮ (ନି.ପ୍ର): ଦେବ ଦେବ ମହାଦେବଙ୍କ ପ୍ରିୟ ମାସ ଶ୍ରାବଣ ମାସର ଶେଷ ସୋମବାରରେ ମିର୍ଜା ପୋଖରୀ ମିଶ୍ର ସାହି ବିଶ୍ୱେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଶିବ କଥା ଆୟୋଜିତ ହୋଇଯାଇଛି । ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଶିବ ତତ୍ତ୍ୱ ଉପରେ ଓ ଶ୍ରାବଣ ମାସର ମାହାତ୍ମ୍ୟ ବିଷୟରେ ପ୍ରବଚନ ଦେଇଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମକୁ ଡକ୍ଟର ଗୌର ସାଧନ ମିଶ୍ର, ଶ୍ରୀ ଗୌର ହରି ମିଶ୍ର, ନିତ୍ୟାନନ୍ଦ ହୋତା ଓ ମନ୍ଦିର କମିଟିର ଅନ୍ୟ ସଦସ୍ୟ ମାନଙ୍କ ସହାୟତା ରେ ସମ୍ପନ୍ନ ହୋଇ ଥିଲା । ପ୍ରବଚନ ଶେଷରେ ମହାଦେବଙ୍କ ମହାଆଳତି ପରେ ସମସ୍ତ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।






# ସାପ କାମୁଡାରେ ଶିଶୁ ମୃତ

ନୀଳଗିରି, ୧୩/୮ (ନି.ପ୍ର): ନୀଳଗିରି ଥାନା ଅଧୀନ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମରେ ସାପ କାମୁଡାରେ ଜଣେ ୭ ବର୍ଷୀୟ ଶିଶୁ ପୁତ୍ର ପ୍ରାଣ ହରାଇଛନ୍ତି।ଚଳିତ ମାସ ରବିବାର ୧୧ ତାରିଖରେ ଉକ୍ତ ଗ୍ରାମର ରାଜେଶ ସିଂଙ୍କ ପୁଅ ଶିବା ସିଂ (୭) ଘର ବାହାରେ ବୁଲୁଥିବା ସମୟରେ ଏକ ସାପ କାମୁଡି ଦେଇଥିଲା।ଶିବା ପରିବାର ଲୋକଙ୍କୁ ଅବଗତ କରିବା ପରେ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରବର୍ତ୍ତୀ ସମୟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅନ୍ତର୍ଜାତୀୟ ଯୁବ ଦିବସ ଏବଂ ଏଚ.ଆଇ.ଭି /ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ମଙ୍ଗଳପୁର, ୧୩/୮ (ନି.ପ୍ର): ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ଅନ୍ତର୍ଜାତୀୟ ଯୁବ ଦିବସ 'ଏବଂ ଏଚ. ଆଇ. ଭି. ଏଡ଼ସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ରେଡକ୍ରସ ଓ ରେଡରିବନ କ୍ଲବ ୟୁନିଟ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ପୌରହିତ୍ୱ କରିଥିଲେ ଅଧକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ । ଯୁବ ରେଡକ୍ରସର କାଉନସେଲର ତଥା ବରିଷ୍ଠ ଇଂରାଜୀ ଅଧ୍ୟାପକ ଡ଼ଃ. ପୁଣ୍ୟବ୍ରତ ମହାନ୍ତି ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସୁଚରିତ୍ର ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଚ. ଆଇ. ଭି. ଏଡ଼ସ ରୋଗର କାରଣ, ନିରାକରଣ ଓ ଭୟାବହତା ବିଷୟରେ ସେ ବର୍ଣ୍ଣନା କରି ସଚେତନତା ଓ ଆତ୍ମସଂଯମତା ଦ୍ୱାରା ସେ ମାରାତ୍ମକ ରୋଗ ରୁ ଦୁରେଇ ରହିବା ପାଇଁ କହିଥିଲେ । ଅଧ୍ୟାପକ ଡ଼ଃ ପଙ୍କଜ କୁମାର ଜେନା, ଶ୍ରୀଯୁକ୍ତ ବିଜୟ କୁମାର ମହାଳିକ, ଡ଼ଃ ସମ୍ବିତ କୁମାର ପଳିତା, ଅଧାପିକା ଶ୍ରୀମତୀ ପୁଷ୍ପଲତା ପାଢ଼ୀ, ଏହି ଶିବିର ରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଏବଂ ପାଠ୍ୟମନସ୍କ ହେବା ପାଇଁ ଉଦବୋଧନ ଦେଇଥିଲେ । ପରିଶେଷରେ ଡ଼ଃ ପୁଣ୍ୟବ୍ରତ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପୂର୍ଣଚନ୍ଦ୍ର ବେହେରା, ଅଧାପକ ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ଏବଂ ଡି. ଇ. ଓ. ଶ୍ରୀଯୁକ୍ତ ଭରତ ଚନ୍ଦ୍ର ମାହାନା ସକ୍ରିୟ ସହଯୋଗ କରିଥିଲେ ।




# ସର୍ବଭାରତୀୟ ବିଏସ୍‌ଏନ୍‌ଏଲ୍ ଅଧିକାରୀ ସଂଘର ଅଷ୍ଟମ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୧୩/୮ (ନି.ପ୍ର): ସର୍ବଭାରତୀୟ ବିଏସ୍‌ଏନ୍‌ଏଲ୍ ଅଧିକାରୀ ସଂଘ ଅଷ୍ଟମ ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱର ପିଜିଏମ୍ କାର ?୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବ୍ୟବସାୟ କ୍ଷେତ୍ରର ପିଜିଏମ୍ ଆଇ.ଜି ସୋରେନ୍, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପରିମଣ୍ଡଳ ମୁଖ୍ୟଯନ୍ତ୍ରୀ (ସିଭିଲ୍) ପି.କେ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଜି ଭି., ଆୟୋଜକ ସମ୍ପାଦକ (ପୂର୍ବ ଭାରତ) ଅଭିଜିତ ଖମରୁଇ, ସର୍ବଭାରତୀୟ ସହ ସାଧାରଣ ସମ୍ପାଦକ ଅମୀୟ କୁମାର ଖିଲାର୍ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଡିସେମ୍ବର ମାସ ସୁଦ୍ଧା ସବୁ ରାଜ୍ୟରେ ଫୋର୍ ଜି ସେବା ପହଞ୍ଚାଇବା ଏବଂ ୨୦୨୫ ସୁଦ୍ଧା ଫାଇଭ୍ ଜି ସେବା ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରହିଥିବା ନେଇ ଅତିଥିମାନେ ମତ ରଖିଥିଲେ। ସମ୍ମିଳନୀକୁ ସଂଘର ଓଡ଼ିଶା ସଭାପତି କେ.କେ. ବେହେରା ପରିଚାଳନ କରିଥିଲେ। କୋଷାଧକ୍ଷ ଏନ.ପି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନବମ ପରିମଣ୍ଡଳ ପରିଷଦର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚନ କରାଯାଇଥିଲା। ସଭାପତି ଭାବେ କେ.କେ. ବେହେରା, ସାଧାରଣ ସମ୍ପାଦକ ଭାବେ ପି.କେ. ରାଉତ ଏବଂ କୋଷାଧକ୍ଷ ଭାବେ ଏନ.ପି ଦାସ ନିର୍ବାଚିତ ହୋଇଥିଲେ। ସମସ୍ତ ଅତିଥିମାନଙ୍କୁ ସ୍ମୃତିଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା।




## ହିମାଚଳ ପ୍ରଦେଶର ପାଂଚଟି ଜିଲ୍ଲାରେ ବନ୍ୟାର ବିପଦ

ଶିମଳା, ୧୩/୮: ହିମାଚଳ ପ୍ରଦେଶର ରାଜଧାନୀ ଶିମଳା ସହିତ ରାଜ୍ୟର ଅଧିକାଂଶ ସ୍ଥାନରେ ମଙ୍ଗଳବାର ବାଦଲ ଛାଇ ରହିଛି । ଏହାରି ଭିତରେ କିଛି ସ୍ଥାନରେ ବର୍ଷା ମଧ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଅଗଷ୍ଟ ୧୮ଯାଏ ରାଜ୍ୟରେ ମୌସୁମୀ ସକ୍ରିୟ ରହିବାର ସମ୍ଭାବନା ରହିଛି । ସମତଳ ଓ ମଧ ପାର୍ବତୀୟ ଅଂଚଳରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ବି ଜାରି କରାଯାଇଛି । ଆଗାମୀ ୨୪ ଘଂଟାରେ ଚମ୍ବା, କାଂଗଡା, ମଣ୍ଡି, ସିରମୌର ଓ ଶିମଳାରେ ବନ୍ୟା ନେଇ ଆଶଙ୍କା କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ନଦୀ-ନାଳ ଓ ଭୂସ୍ଖଳନ ସମ୍ଭାବିତ ଅଂଚଳକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

# ଜଳେଶ୍ୱରରେ ଘନ ଘନ ବଜ୍ରପାତ : କାର୍ଯ୍ୟରତ ମହିଳା କୃଷକର ବିଲରେ ମୃତ୍ୟୁ

ଜଳେଶ୍ୱର , ୧୩/୮ (ନି.ପ୍ର): ଗତ ୩ ଦିନ ଧରି ବର୍ଷା ହୋଇନଥିବାରୁ ଆଜି ପ୍ରବଳ ଗୁଳଗୁଳି ଅନୁଭୁତ ହେଉଥିଲା। ଆଜି ଅପରାହ୍ନରେ ଘନ ଘନ ବଜ୍ରପାତ ଓ ବର୍ଷା ହୋଇଥିଲା। ଜଳେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମଣନାଥ ଗାଁର ନିତାଇ ଧଳଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ ଧଳ (୪୨) ଓ ତାଙ୍କ ଯାଆ ବିଲକୁ କାର୍ଯ୍ୟ କରିବାକୁ ଯାଇଥିଲେ । ବଜ୍ରପାତ ଘଟିବାରୁ ଜ୍ୟୋସ୍ନାରାଣୀ ଉପରେ ବଜ୍ରପାତ ଘଟିଥିବା ବେଳେ କିଛି ଦୂରରେ କାର୍ଯ୍ୟ କରୁଥିବା ତାଙ୍କ ଯାଆ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଜ୍ୟୋସ୍ନାରାଣୀକୁ ଉଦ୍ଧାର କରି ଜିକେ ଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବ୍ୟକ୍ତିକୁ ସହାୟତା ହୋଇବାଲାଗି ଲକ୍ଷ୍ମଣନାଥ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ଓ ସରପଂଚ ରଂଜନ ମହାନ୍ତି ଓ ବହୁ ବ୍ୟକ୍ତି ଦାବି କରିଛନ୍ତି । ସେହିପରି ଜଳେଶ୍ୱର ହାଇସ୍କୁଲ ପରିସରରେ ଅନ୍ୟଏକ ବଜ୍ରାପାତ ହେବାରୁ ନିକଟରେ ଥିବା ଏକ ନଡିଆ ଗଛଟି ଜଳି ଯାଇଥିଲା । ଫଳରେ ବିଦ୍ୟାଳୟରେ ଥିବା ଛାତ୍ରଛାତ୍ରୀମାନେ ଭୟଭିତ ହୋଇ ଯାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo